## ଅଦ୍ଭୁତ ବାଛୁରୀ ଜନ୍ମ

ବାରଙ୍ଗ,(ଡି.ଏନ୍.ଏ.)- ଚନ୍ଦକା ଥାନା ଅନ୍ତର୍ଗତ ପଥରଗାଡ଼ିଆ ଗାଁରେ ଏକ ଅଦ୍ଭୁତ ବାଛୁରୀ ରଥଯାତ୍ରା ଦିନ ଜନ୍ମ ହୋଇଛି। ଏହି ବାଛୁରୀର ଶରୀର ଠିକ୍ ଥିବାବେଳେ ମୁହଁ ବିକୃତ ହୋଇଛି । ଲୋକେ ଏହାକୁ ଅସୁରମୁହଁ ବାଛୁରୀ ବୋଲି କହୁଛନ୍ତି । ପଥରଗାଡ଼ିଆର ପଞ୍ଚୁ ବେହେରାଙ୍କ ଘରେ ଏହି ବିକୃତରୂପୀ ବାଛୁରୀ ଜନ୍ମ ହୋଇଛି । ଏହି ବାଛୁରୀକୁ ଦେଖିବାକୁ ଶନିବାର ଆଖପାଖ ଲୋକମାନଙ୍କର ଭିଡ଼ ଲାଗିରହିଛି। ତେବେ ବାଛୁରୀଟି ଜନ୍ମ ପରେ ମା' ଗାଈଠାରୁ କ୍ଷୀର ଖାଇ ନ ଥିବା ଜଣାପଡିଛି।



## ସଂକ୍ଷେପରେ

### ଜିତୁ ପଟ୍ଟନାୟକଙ୍କ ଘରେ ଇଡି ଚଢାଉ

#### ବେଆଇନ ଖଣି ଉତ୍ତୋଳନ ମାମଲା

**ଭୁବନେଶ୍ୱର,୨।୭(ବ୍ୟୁରୋ):** ବେଆଇନ ଖଣି ଉତ୍ତୋଳନ ଏବଂ ଅର୍ଥ କାରବାର ମାମଲାରେ ଛନ୍ଦି ହୋଇଥିବା ଚମ୍ପୁଆର ପୂର୍ବତନ ବିଧାୟକ ଜିତେନ୍ଦ୍ର ନାଥ ଓରଫ ଜିତୁ ପଟ୍ଟନାୟକଙ୍କ ଭୁବନେଶ୍ୱର ଘରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଶନିବାର ରାତିରେ ଚଢାଉ କରିଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଗତ ମେ ମାସ ୧୧ତାରିଖରେ ଜିତୁଙ୍କ ଭୁବନେଶ୍ୱର ଏବଂ ଯୋଡ଼ାସ୍ଥିତ ଘରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ତାଙ୍କ ଘରୁ ନଗଦ ୭୦ଲକ୍ଷ ଟଙ୍କା ସହ ବିଭିନ୍ନ ବ୍ୟାଙ୍କରେ ଥିବା ୧୨୪ଟି ଫିକ୍ସ ଡିପୋଜିଟ୍ ବଣ୍ଡ (ଜମା ୧୩୩.୧୭କୋଟି ଟଙ୍କା)କୁ ଜବତ କରାଯାଇଥିଲା। ତେଣୁ ତାଙ୍କୁ ମେ' ୨୨ତାରିଖରେ ଭୁବନେଶ୍ୱରସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହୋଇ ଟଙ୍କା ଓ ଫିକ୍ସଡ ବଣ୍ଡର ଉତ୍ସ ସହ ସମସ୍ତ କାଗଜପତ୍ର ଦାଖଲ କରିବାକୁ ଇଡି ପକ୍ଷରୁ କୁହାଯାଇଥିଲା। ହେଲେ ସେ ବିଭିନ୍ନ କାରଣ ଦର୍ଶାଇ ଇଡି ନିକଟରେ ହାଜର ହୋଇ ନ ଥିଲେ।

### ଡକାୟତି ଯୋଜନା ପଣ୍ଡ: ନାବାଳକ ଅଟକ, ୪ ଗିରଫ

**ଭୁବନେଶ୍ୱର,୨।୭(ବ୍ୟୁରୋ):** ଭୁବନେଶ୍ୱର ରେଲ୍‌ୱେ ଷ୍ଟେଶନରୁ ବିଭିନ୍ନ ଟ୍ରେନରେ ଆସୁଥିବା ଯାତ୍ରୀଙ୍କଠାରୁ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଲୁଟ କରୁଥିବା ଜଣେ ନାବାଳକଙ୍କୁ ଅଟକ ରଖିବା ସହ ୪ ଡକାୟତଙ୍କୁ ରେଳବାଇ ପୋଲିସ ଗିରଫ କରିଛି। ସେମାନେ ହେଲେ ରାୟପୁରର ଝାଡୁ ହରିଜନ, ଯାଜପୁରର ସଞ୍ଜୟ କୁମାର ସାହୁ, ଓଲା ଇସୁ, ଭୁବନେଶ୍ୱର ଏୟାରଫିଲ୍ଡ ଅଞ୍ଚଳର ରାଜା ଖାଁନ ଏବଂ ଜଣେ ନାବାଳକ। ସେମାନଙ୍କଠାରୁ ୩ ଟି ମୋବାଇଲ, ଏକ ସୁନା ଚେନ, ୫ଟି କଟୁରି, ନଗଦ ୩୦ ହଜାର ଟଙ୍କା ଜବତ କରାଯାଇଛି। ଏଥିସହ ଜିଆର୍‌ପି ଥାନା ପୋଲିସ ମାମଲା (ନଂ.୧୨୧/୨୨) ରୁଜୁ କରି ଶନିବାର କୋର୍ଟଚାଲାଣ କରିଛି। ସେହିଭଳି ଏମାନଙ୍କ ନାଁରେ ଜିଆରପି ଥାନାରେ ପୂର୍ବରୁ ୨ ଟି ମାମଲା ରହିଥିବା ଜଣାପଡ଼ିଛି। ସୂଚନାମୁତାବକ ଶୁକ୍ରବାର ବିଳମ୍ବିତ ରାତିରେ କଳ୍ପନା ରେଲ୍‌ୱେ ଓଭରବ୍ରିଜ୍ ତଳେ ୫ଜଣ ଲୁଚି ରହି ଡକାୟତ ଯୋଜନା କରୁଥିବା ସେଠାରେ ଡ୍ୟୁଟି କରୁଥିବା ଜିଆର୍‌ପି ଏଏସ୍‌ଆଇ ସନ୍ଦେହ କରିଥିଲେ। ଏନେଇ ସେ ସଙ୍ଗେ ସଙ୍ଗେ ଥାନାରେ ଜଣାଇଥିଲେ। ଖବର ପାଇ ଜିଆରପି ଥାନା ପୋଲିସର ଏକ ଟିମ୍ ଚଢାଉ କରି ସେମାନଙ୍କୁ କାବୁ କରିଥିଲେ ।

### ବିଦ୍ୟାଳୟର ସୁନାମ ବଜାୟ ରଖିବାକୁ ପରାମର୍ଶ

**ବାଲିଅନ୍ତା,୨।୭(ଡି.ଏନ୍.ଏ.):** ସ୍ଥାନୀୟ ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷାମନ୍ଦିରର ୨୨ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ହୋମଯଜ୍ଞ ଓ ପୂଜାପାଠର ଆୟୋଜନ କରାଯାଇଥିଲା। ସେଖାର ବରିଷ୍ଠ ସଭ୍ୟ ଦାମ୍ବରୁଧର ଜେନା ଓ ବରିଷ୍ଠ ଖବରଦାତା କ୍ଷୀରୋଦ ବେହେରା ଅତିଥି ରୂପେ ଯୋଗଦେଇ ବିଦ୍ୟାଳୟର ସୁନାମ ବଜାୟ ରଖିବା ପାଇଁ ସମସ୍ତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷାନୁଷ୍ଠାନର ସମ୍ପାଦକ ତଥା ଶିକ୍ଷାବିତ୍ ସୁରେଶ ଖୁଣ୍ଟିଆ, ପ୍ରଧାନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର, ପଦ୍ମନାଭ ବେହେରା, ବିଶ୍ୱ ଭୂଷଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# କଟକଣା ଲଗାଇ ଚୁପ୍ ବସିଛି ବିଏମ୍‌ସି

## ରାଜଧାନୀରେ ବଢୁଛି ସଂକ୍ରମଣ

**ଭୁବନେଶ୍ୱର, ୨।୭ (ବ୍ୟୁରୋ)**

ରାଜ୍ୟର ପୁଣି ଚିନ୍ତା ବଢ଼ାଇଛି କରୋନା। ଗତ କିଛିଦିନ ହେବ କ୍ରମାଗତ ଭାବେ ଦୈନିକ ସଂକ୍ରମଣ ବଢି ଚାଲିଥିବାବେଳେ ଭୁବନେଶ୍ୱରରେ ସଂକ୍ରମଣ ଅଧିକ ରହୁଛି। ଏହାକୁ ଦୃଷ୍ଟିରେ ରଖି ଜୁନ୍ ୩୦ରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ କଟକଣା କଡାକଡି କରାଯାଇଛି। ଏଣିକି ଘରୁ ବାହାରକୁ ବାହାରିଲେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ହୋଇଛି। ଏଥିସହିତ ସର୍ବସାଧାରଣ ସ୍ଥାନରେ ୨ ମିଟର ସାମାଜିକ ଦୂରତାକୁ ମାନିବାକୁ ଓ ଛେପ, ଖଙ୍କାର ଆଦି ନ ପକାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ନିୟମ ଉଲ୍ଲଂଘନ କଲେ ଦଣ୍ଡ ଗଣିବାକୁ ପଡିବ ବୋଲି ବିଏମ୍‌ସି କହିଛି। ମାତ୍ର ନିୟମ ଲାଗୁ ହେବାର ୩ଦିନ ପରେ ବି ସହରବାସୀ ଏହାକୁ ଗୁରୁତ୍ୱର ସହ ନେଉନାହାନ୍ତି। ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ୯୦ ପ୍ରତିଶତ ଲୋକ ବିନା ମାସ୍କରେ ବାହାରେ ବୁଲୁଛନ୍ତି। ସାମାଜିକ ଦୂରତା ରକ୍ଷା କରିବା ନିର୍ଦ୍ଦେଶକୁ ମଧ୍ୟ କେହି ପାଳନ କରୁ ନ ଥିବା ଦେଖିବାକୁ ମିଳୁଛି। ଦୋକାନ ବଜାରଠାରୁ ଆରମ୍ଭ କରି ବିଭିନ୍ନ ଶପିଂ ମଲ୍, ହାଟ ଆଦି ସ୍ଥାନରେ ଜନଗହଳି ପରିଲକ୍ଷିତ ହେଉଛି। ଗ୍ରାହକ ଓ ବ୍ୟବସାୟୀ କରୋନା ଗାଇଡ୍‌ଲାଇନ୍‌କୁ ଫୁଁ' କରିଦେଉଛନ୍ତି। ଏପରିସ୍ଥିତିରେ ଉଲ୍ଲଂଘନକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। କେବଳ ନିର୍ଦ୍ଦେଶ ଜାରି କରି ବିଏମ୍‌ସି ଚୁପ୍ ହୋଇ ବସିଛି।

ସଂକ୍ରମଣ ତଥ୍ୟ ଉପରେ ନଜର ପକାଇଲେ, ସପ୍ତାହ ତଳେ ଅର୍ଥାତ୍ ଜୁନ୍ ୨୬ରେ ସହରରୁ ୩୦ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଗତ ୨୪ ଘଣ୍ଟାରେ ଏହି ସଂଖ୍ୟା ୮୦ ପାର୍ କରିଛି। ରାଜ୍ୟରୁ ୨୩୧ଜଣ ସଂକ୍ରମିତ ବାହାରିଥିବାବେଳେ ସେଥି ମଧ୍ୟରେ ଖୋର୍ଦ୍ଧା ଜିଲାରୁ ୯୯ଜଣ ଏବଂ ଭୁବନେଶ୍ୱରରୁ ୮୩ଜଣ ଚିହ୍ନଟ ହୋଇଛନ୍ତି। ଗତ ଲହରଗୁଡିକରେ ମଧ୍ୟ ରାଜ୍ୟ ମଧ୍ୟରେ ଖୋର୍ଦ୍ଧା ଜିଲା ଏବଂ ଜିଲା ମଧ୍ୟରେ ଭୁବନେଶ୍ୱର ସଂକ୍ରମଣରେ ଆଗରେ ରହିଥିଲା। ଏବେ ଶ୍ରୀଜଗନ୍ନାଥଙ୍କ ନବଦିନାତ୍ମକ ରଥଯାତ୍ରା ଅବସରରେ ବିଭିନ୍ନ ମନ୍ଦିର ତଥା ପୂଜା କମିଟି ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମରେ ଲୋକଙ୍କ ପ୍ରବଳ ଗହଳି ଦେଖିବାକୁ ମିଳୁଛି। ସେହିପରି ଆଗକୁ ବାହୁଡ଼ାଯାତ୍ରା ରହିଛି। ତେଣୁ ଆହୁରି ଗହଳି ହେବାର ସମ୍ଭାବନା ରହିଛି। ଏଭଳି ସ୍ଥଳେ ଲୋକଙ୍କ ଖାମଖିଆଲି ମନୋଭାବ ଆଗକୁ ବଡ ବିପଦ ଆଣିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏବେଠାରୁ ବିଏମ୍‌ସିକୁ କେବଳ କାଗଜ କଲମରେ ସୀମିତ ନ ରହି କଡା ଆଭିମୁଖ୍ୟ ଗ୍ରହଣ କରିବାକୁ ପଡିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

# କୋଟିଏରୁ ଊର୍ଦ୍ଧ୍ୱ ଠକେଇ, ୫ ଲକ୍ଷ ଫେରସ୍ତ

## ଜୁନ୍ ସାଇବର ଅପରାଧ ରିପୋର୍ଟ

**ଭୁବନେଶ୍ୱର,୨।୭ (ବ୍ୟୁରୋ)**

ସାଇବର ହେଲ୍ପ ଡେସ୍କ ପକ୍ଷରୁ ଶନିବାର ଜୁନ୍ ମାସର ସାଇବର ଅପରାଧ ରିପୋର୍ଟ ପ୍ରକାଶ ପାଇଛି। ଏହି ମାସରେ ସାଇବର ଠକମାନେ ଏକ କୋଟି ୬ ଲକ୍ଷ ୭୬୯ ଟଙ୍କା ଠକି ନେଇଛନ୍ତି। ପୋଲିସ ମାତ୍ର ୫ ଲକ୍ଷ ୩୬ ହଜାର ୧୦୧ ଟଙ୍କା ସାଇବର ଅପରାଧୀଙ୍କଠାରୁ ଆଣି ଅଭିଯୋଗକାରୀଙ୍କୁ ଫେରସ୍ତ କରିଛି। ଏଥିସହ ୩ ଲକ୍ଷ ୪୬ ହଜାର ୭୮୧ ଟଙ୍କା ବ୍ଲକ୍ କରିଛି ବୋଲି ସୂଚନା ଦିଆଯାଇଛି। ଭୁବନେଶ୍ୱର ଡିସିପି ଅଫିସସ୍ଥିତ ସାଇବର୍ କ୍ରାଇମ ହେଲ୍ପ ଡେସ୍କରେ ଗତ ଜୁନ୍‌ରେ ହେଲ୍ପଲାଇନ ନ.- ୭୪୪୦୦୬୭୦୯ ମାଧ୍ୟମରେ ମୋଟ ୩୯୦ ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ଭୁବନେଶ୍ୱର ସହରରୁ କଲ୍ ମାଧ୍ୟମରେ ୩୫୭ ଅଭିଯୋଗ ଆସିଥିବା ବେଳେ ରାଜ୍ୟର ଅନ୍ୟାନ୍ୟ ଜିଲାରୁ ୩୩ଟି ଅଭିଯୋଗ କଲ୍ ଗ୍ରହଣ କରାଯାଇଥିଲା। କେବଳ ଭୁବନେଶ୍ୱରରୁ ୧୪୪ ଟି ୟୁପିଆଇ ଠକେଇ ଏବଂ ୬୯ ଟି କ୍ରେଡିଟ୍/ଡେବିଟ୍ କାର୍ଡ ମାଧ୍ୟମରେ ଠକେଇ ରିପୋର୍ଟ ଏବଂ ଅନ୍ୟାନ୍ୟ ୩୩ ଅନ୍‌ଲାଇନ୍ ଠକେଇ ଅଭିଯୋଗ ଏହି ହେଲ୍ପଡେସ୍କ ଗ୍ରହଣ କରିଥିଲା। ଭୁବନେଶ୍ୱର ସହରାଞ୍ଚଳ ଜିଲାରେ ଗତ ଜୁନ୍‌ମାସରେ ବିଭିନ୍ନ ଅଭିଯୋଗ ମାଧ୍ୟମରେ ମୋଟ ୧,୦୬,୭୬୯ ଟଙ୍କାର ଠକେଇ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୦୨ ଗୋଟି ମକଦ୍ଦମା ଭୁବନେଶ୍ୱରର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନାରେ ପଞ୍ଜୀକୃତ କରାଯାଇଥିଲା।




ଅଭିନେତା ରାଇମୋହନ ପରିଡ଼ାଙ୍କ ସ୍ମୃତିରେ ଶନିବାର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଶିକ୍ଷକ ଓ ଛାତ୍ରୀଛାତ୍ର ମହମବତି ଜାଳି ୧୧ ତାଲା ଛକ ନିକଟରୁ ମହାବିଦ୍ୟାଳୟ ଅଭିମୁଖେ ଶୋଭାଯାତ୍ରାରେ ଯାଉଛନ୍ତି।

## ବାଗ୍‌ଦେବୀ ବିଦ୍ୟା ମନ୍ଦିରର ପ୍ରତିଷ୍ଠା ଦିବସ

**ବାଲିପାଟଣା,୨।୭(ଡି.ଏନ୍.ଏ.)**

ବାଗ୍‌ଦେବୀ ବିଦ୍ୟା ମନ୍ଦିରର ୨୯ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ବନମାଳିପୁର ଡିଗ୍ରୀ କଲେଜ ଅଧ୍ୟକ୍ଷ ମୁରଲୀଧର ସାହୁ ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରଙ୍କ ଦକ୍ଷତାକୁ ମାପି ଠିକ୍ ମାର୍ଗ ଦର୍ଶାଇ ସେମାନଙ୍କୁ ଶୀର୍ଷ ସ୍ଥାନରେ ପହଞ୍ଚାଇବାରେ ଶିକ୍ଷୟିତ୍ରୀମାନଙ୍କ ପ୍ରମୁଖ ଭୂମିକା ରହିଛି। ଅତିଥିଭାବେ ପରିଚାଳନା ପରିଷଦ ସଭ୍ୟ ଭଗବାନ ସାହୁ, ସଭାପତି ଦିଲ୍ଲୀପ କୁମାର ଓଝା, ନଳିନୀ ପ୍ରଭା ମହାପାତ୍ର, ଗଙ୍ଗାଧର ଓଝା, ଅଧ୍ୟକ୍ଷା ପବିତ୍ରା ଦାସ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଲିପିକା ପ୍ରଧାନ ପରିଚାଳନା ଓ ଉର୍ମିଳା ସେନାପତି ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ମୁଣ୍ଡୁଳି ବ୍ରିଜ୍‌ରୁ ଯୁବକ ନିଖୋଜ, ବୁଲେଟ୍ ଜବତ

**ବାରଙ୍ଗ,୨।୭(ଡି.ଏନ୍.ଏ.)**

ମୁଣ୍ଡୁଳି ବ୍ୟାରେଜର ଶେଷ ଆଡ଼କୁ ଶୁକ୍ରବାର ସନ୍ଧ୍ୟାରୁ ଏକ ବୁଲେଟ ରଖାଯାଇଥିଲା। ସନ୍ଧ୍ୟାରୁ ଶନିବାର ସକାଳ ଯାଏ ସେଭଳି ଥିବା ସ୍ଥାନୀୟ ଲୋକ ଦେଖିଥିଲେ। ପରେ ଆଠଗଡ଼ ଥାନା ପୋଲିସ ପହଞ୍ଚି ବୁଲେଟ୍‌କୁ ଜବତ କରି ତଦନ୍ତ ଚଳାଇଛି। ତେବେ ଗାଡି ରଖିଥିବା ଯୁବକ ଜଣଙ୍କ ଆତ୍ମହତ୍ୟା କିମ୍ବା ନିଖୋଜ ହୋଇଛନ୍ତି, ତାହାକୁ ନେଇ ସାଧାରଣରେ ନାନା ସନ୍ଦେହ ସୃଷ୍ଟି କରିଛି। ଶୁକ୍ରବାର ରାତିରେ ଓଡି ୦୬ ଏ ୩୫୯୮ ନଂ. ବୁଲେଟରେ ଜଣେ ଯୁବକ ଆସି ବ୍ୟାରେଜ ଉପରେ ବୁଲାବୁଲି କରୁଥିବାର ସ୍ଥାନୀୟ ଲୋକେ ଦେଖିଥିଲେ। ଏପରି କି ବିଳମ୍ବିତ ରାତିରେ କେହି ଜଣେ ପାଣି ଭିତରକୁ ଡେଇଁ ପଡିବାର ଶବ୍ଦ ଶୁଣିବାକୁ ପାଇଥିବା ନେଇ ଶନିବାର ସକାଳେ ଚର୍ଚ୍ଚା ଜୋର ଧରିଥିଲା। ପରେ ପୋଲିସ ଆସି ଗାଡ଼ିରେ ଥିବା କାଗଜପତ୍ର ଯାଞ୍ଚ କରିବା ପରେ ତାହା ଏକ ବ୍ୟାଙ୍କର କର୍ମଚାରୀ ପ୍ରସନ୍ନଜିତ ମହାନ୍ତିଙ୍କ ହୋଇଥିବାବେଳେ ଭୁବନେଶ୍ୱରସ୍ଥିତ ଖଣ୍ଡଗିରି ଅଞ୍ଚଳରେ ରହୁଥିବା ଜଣାପଡିଛି। ପରିବାର ଲୋକ ଖବରପାଇ ମୁଣ୍ଡୁଳି ବ୍ରିଜ ନିକଟକୁ ଆସି ବୁଲେଟ ପ୍ରସନ୍ନଜିତଙ୍କ ବୋଲି ଚିହ୍ନଟ କରିବା ସହ ତାଙ୍କ ସ୍ତ୍ରୀ ପ୍ରସନ୍ନଜିତ ନିଖୋଜ ଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଶୁକ୍ରବାର ଦ୍ୱିପ୍ରହର ସମୟରୁ ପ୍ରସନ୍ନଜିତ ଜଣେ ଗ୍ରାହକଙ୍କଠାରୁ ଫାଇଲ ଆଣିବାକୁ କହି ଘରୁ ବାହାରିଥିଲେ ମଧ୍ୟ ଆଉ ଫେରି ନ ଥିଲେ। ସନ୍ଧ୍ୟା ପରଠାରୁ ତାଙ୍କର ମୋବାଇଲ ଫୋନ ସୁଇଚ ଅଫ୍ ରହିଥିଲା।

# ସମାଜ ପରିବର୍ତ୍ତନରେ ସାହିତ୍ୟିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୨।୭(ବ୍ୟୁରୋ)**

ସମାଜର ପ୍ରତି କ୍ଷେତ୍ରର ପରିବର୍ତ୍ତନ ଦିଗରେ କବି, ଲେଖକ ଓ ସାହିତ୍ୟିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶନିବାର ଉତ୍କଳ ଘଣ୍ଟ କବି ଯଦୁମଣି ମହାପାତ୍ରଙ୍କ ୧୫୬ତମ ଶ୍ରାଦ୍ଧୋତ୍ସବ ଓ ଲେଖକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ୧୨୧ତମ ଜୟନ୍ତୀରେ ବକ୍ତାମାନେ ଏହା କହିଛନ୍ତି। ଏହି ଅବସରରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଶନିବାର ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଦେଶର ସୁରକ୍ଷା ପାଇଁ ସୈନିକମାନେ ଜାଗ୍ରତ ପ୍ରହରୀ ହୋଇ ସୀମା ଜଗି ଶତ୍ରୁ ମୁକାବିଲା କରିବାବେଳେ ଯେଉଁ ସମୟରେ ବିଶ୍ୱ ସମସ୍ୟାର ସମ୍ମୁଖୀନ ହୁଏ ସେତେବେଳେ କବି ଲେଖକମାନେ ଲେଖନୀ ଚାଳନା କରି ଜନସାଧାରଣଙ୍କୁ ସଚେତନ କରିଥାନ୍ତି। କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ରଚନାରେ ଜନଜୀବନର ଚିତ୍ର ପ୍ରତିଫଳିତ ହୋଇ ସବୁ ସମୟରେ ଜନ ସାଧାରଣଙ୍କୁ ପ୍ରଭାବିତ କରୁଛି। ସେହିଭଳି ଉତ୍କଳଘଣ୍ଟ କବି ଯଦୁମଣି ମହାପାତ୍ରଙ୍କ ବ୍ୟକ୍ତିଗତ ଜୀବନର ବ୍ୟଙ୍ଗ ଆଜି ମଧ୍ୟ ଲୋକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଛି। ତାଙ୍କ କାବ୍ୟଗୁଡିକ ଓଡ଼ିଆ ବାଣୀଭଣ୍ଡାରର ଅମୂଲ୍ୟ ସମ୍ପଦ ଓ ଏହା ଉପରେ ଅଧିକ ଗବେଷଣା ହେବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ଗ୍ରନ୍ଥାଗାରିକ ସସ୍ମିତା ମିଶ୍ର,ସଙ୍ଘମିତ୍ରା ସାହୁ,ରୁଦ୍ରପ୍ରସାଦ ବେହେରା,ବିଦ୍ୟାଧର ପଣ୍ଡା,ସଲିତା ପାତ୍ର ଓ କଣ୍ଠମଣି ବିଶ୍ୱାଳ ପ୍ରମୁଖ ଆଲୋଚନା କରିଥିଲେ। ଉପେନ୍ଦ୍ର କୁମାର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

# 'ଅନାମ-୨୦' ଲୋକାର୍ପିତ



'ଅନାମ-୨୦' ଲୋକାର୍ପଣ ଅବସରରେ ସାହିତ୍ୟାନୁରାଗୀ ବିଶିଷ୍ଟ ବ୍ୟକ୍ତିମାନେ।

**ଭୁବନେଶ୍ୱର, ୨।୭(ବ୍ୟୁରୋ)**

ଦୀର୍ଘ ୨୭ବର୍ଷର ବ୍ୟବଧାନ ପରେ 'ଅନାମ କାବ୍ୟ ଆନ୍ଦୋଳନ' ମୁଖପତ୍ରର ପରବର୍ତ୍ତୀ ସଂଖ୍ୟା 'ଅନାମ-୨୦' ପବିତ୍ର ଘୋଷଯାତ୍ରାରେ ଲୋକାର୍ପିତ ହୋଇଯାଇଛି। ଏହି ଉପଲକ୍ଷେ ଭୁବନେଶ୍ୱର ଶୈଳଶ୍ରୀ ବିହାରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କଥାକାର ଦାଶ ବେନେହୁର, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ, ଗାଳ୍ପିକ ପରେଶ ପଟ୍ଟନାୟକ, 'ପକ୍ଷୀଘର' ସମ୍ପାଦକ ବନୋଜ ତ୍ରିପାଠୀ, 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନୀହାର ରଞ୍ଜନ ଶତପଥୀ, ଲେଖକ ତଥା ସମ୍ପାଦକ ଭାସ୍କର ପରିଚ୍ଛା, 'କଥାକଳିକା'ର ସମ୍ପାଦକ ଦୁର୍ଗା ଷଡ଼ଙ୍ଗୀ, ଓଡ଼ିଶୀ ସଙ୍ଗୀତ ଗବେଷକ ପ୍ରତୀକ ପଟ୍ଟନାୟକ, କବି ମନୁଆ ଦାସ, ଅନାମ କବି ନେତ୍ରାନନ୍ଦ ସାମନ୍ତରାୟ ଓ ମନୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ୧୮୪ ପୃଷ୍ଠା ସମ୍ବଳିତ ଏହି ପତ୍ରିକାର ପ୍ରକାଶନ 'ଧଉଳି ବୁକ୍ସ' ପକ୍ଷରୁ କରାଯାଇଛି। ଏହାର ମୂଲ୍ୟ ମାତ୍ର ୧ ଟଙ୍କା ରଖାଯାଇଛି।

# ସ୍ୱାମୀଙ୍କୁ ନ ପାଇ ହଙ୍ଗାମା କଲେ ସ୍ତ୍ରୀ

**ବାରଙ୍ଗ,୨।୭(ଡି.ଏନ୍.ଏ.)**

ସ୍ୱାମୀଙ୍କୁ ନ ପାଇ ତ୍ରିଶୂଳିଆ ବିଦ୍ୟୁତ୍ ସବ୍‌ଷ୍ଟେଶନର କଣ୍ଟ୍ରୋଲ ରୁମ୍‌କୁ ଶନିବାର ସନ୍ଧ୍ୟାରେ ଜଣେ ମହିଳା ଆସି ତାଲା ପକାଇ ହଙ୍ଗାମା କରିଛନ୍ତି। ଖବର ପାଇ ପୋଲିସ ପହଞ୍ଚି ଘଟଣାସ୍ଥଳରୁ ଯୁବତୀଙ୍କୁ ଥାନାକୁ ଆଣି ଅଟକ ରଖିଛି। ଏହି ଘଟଣା ଏବେ ବାରଙ୍ଗ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ମହିଳାଙ୍କ କହିବା ଅନୁଯାୟୀ, ତାଙ୍କ ସ୍ୱାମୀ ଜଣେ ଠିକାଦାର ଅଧୀନରେ ତ୍ରିଶୂଳିଆ ବିଦ୍ୟୁତ୍ ସବ୍‌ଷ୍ଟେଶନରେ କାମ କରୁଥିଲେ। ଗତ କିଛିଦିନ ହେବ ତାଙ୍କ ସ୍ୱାମୀଙ୍କ ସହ କୌଣସି ଯୋଗାଯୋଗ ହୋଇ ନ ଥିବା ବେଳେ ଘରକୁ ମଧ୍ୟ ଫେରି ନ ଥିଲେ। ବହୁ ଖୋଜାଖୋଜି କରି ନ ପାଇ ଶେଷରେ ତାଙ୍କ ପାଇଁ କାର୍ଯ୍ୟ କରୁଥିବା ତ୍ରିଶୂଳିଆ ସବ୍‌ଷ୍ଟେଶନରେ ଅନ୍ୟ କର୍ମଚାରୀମାନଙ୍କୁ ପଚରାଉଚରା କରିଥିଲେ। ହେଲେ କେହି ବି ତାଙ୍କ ସ୍ୱାମୀଙ୍କ ବିଷୟରେ କୌଣସି ସୂଚନା ଦେଇପାରି ନ ଥିଲେ। ଫଳରେ ମହିଳା ଜଣକ ରାଗିଯାଇ ସବ୍‌ଷ୍ଟେଶନରେ ତାଲା ପକାଇ ପାଟି କରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବାରଙ୍ଗ ଥାନା ପୋଲିସ ଆସି ମହିଳାଙ୍କୁ ଥାନାକୁ ନେଇଛି।

# କ୍ଷେତ୍ର ପରିଦର୍ଶନ କରି ପ୍ରକଳ୍ପର ଅଗ୍ରଗତି ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ

## ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ସମୀକ୍ଷା ବୈଠକ

**ଭୁବନେଶ୍ୱର, ୨।୭(ବ୍ୟୁରୋ)**

ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମେତ ଆପିକଲ, ଓଡ଼ିଶା ରାଜ୍ୟ ବିହନ ନିଗମ, ଓଡ଼ିଶା କୃଷି ଶିଳ୍ପ ନିଗମ ସମ୍ପର୍କରେ ଶନିବାର ଏକ ସମୀକ୍ଷା ବୈଠକ କୃଷି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୈଠକରେ ଯୋଜନାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାଗୁଡ଼ିକର ଜିଲାୱାରୀ ଧାର୍ଯ୍ୟ ଲକ୍ଷ୍ୟ ଓ ସଫଳତା ହାରର ବିବରଣୀ ଏବଂ ୨୦୨୨ ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ତ୍ରୈମାସିକ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଜିଲାସ୍ତରର ଅଧିକାରୀଙ୍କ ଦ୍ୱାରା ବ୍ୟାପକ କ୍ଷେତ୍ର ପରିଦର୍ଶନ କରି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ନିରୀକ୍ଷଣ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଓଡ଼ିଶା ରାଜ୍ୟ ବିହନ ନିଗମ ଦ୍ୱାରା ପ୍ରାମାଣିକ ବିହନ ଉତ୍ପାଦନ ଓ ଚାଷୀଙ୍କୁ ଆବଶ୍ୟକ ବିହନ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଆପିକଲ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଅଗ୍ରଗତି ସହିତ ଓଡ଼ିଶା କୃଷି ଶିଳ୍ପ ନିଗମ ଓ ଓଡ଼ିଶା କାଜୁ ଉନ୍ନୟନ ନିଗମର କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସମୀକ୍ଷା କରିଥିଲେ ମନ୍ତ୍ରୀ।

ବୈଠକରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡାଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆଜି ଉଦ୍‌ଘାଟନ ହେବ ଫ୍ଲୋଟିଂ ରେଷ୍ଟୁରାଣ୍ଟ

**କଟକ ଅଫିସ, ୨।୭**

କଟକର ସିଲ୍‌ଭର ସିଟି ବୋଟ୍ କ୍ଲବ୍‌ରେ ରବିବାର ୩୦ ସିଟ୍ ବିଶିଷ୍ଟ ଫ୍ଲୋଟିଂ ରେଷ୍ଟୁରାଣ୍ଟ ଉଦ୍‌ଘାଟନ ହେବ। ଏଠାରେ ୬ଟି ଟେବୁଲ ବ୍ୟବସ୍ଥା କରାଯାଇଛି। ପ୍ରତି ଟେବୁଲର ଘଣ୍ଟା ପ୍ରତି ମୂଲ୍ୟ ୧୨୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ଏଠାରେ ସମ୍ପୂର୍ଣ୍ଣ ରେଷ୍ଟୁରାଣ୍ଟ ବୁକିଂ କରିବାର ବ୍ୟବସ୍ଥା ମଧ୍ୟ ରହିଛି। ୨ ଘଣ୍ଟା ପାଇଁ ସମ୍ପୂର୍ଣ୍ଣ ରେଷ୍ଟୁରାଣ୍ଟ ମୂଲ୍ୟ ୧୦ ହଜାର ଟଙ୍କା ରହିଛି। ଏଥିସହ ପୂର୍ବାହ୍ନ ୧୦.୩୦ରୁ ଅପରାହ୍ନ ୩.୩୦ ଏବଂ ଅପରାହ୍ନ ୪.୩୦ରୁ ରାତି ୯.୩୦ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ସମ୍ପୂର୍ଣ୍ଣ ରେଷ୍ଟୁରାଣ୍ଟ ବୁକିଂ ହୋଇପାରିବ । ଏଥିପାଇଁ ୨୦ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି । ଏହାବାଦ୍ ପୂର୍ବାହ୍ନ ୧୦.୩୦ରୁ ରାତି ୯.୩୦ ପର୍ଯ୍ୟନ୍ତ ଗୋଟିଏ ଦିନ ବୁକିଂ ପାଇଁ ୩୭ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି । ତେବେ ପୂର୍ବରୁ ୮ ସିଟ୍ ବିଶିଷ୍ଟ ଫ୍ଲୋଟିଂ ରେଷ୍ଟୁରାଣ୍ଟ ବ୍ୟବସ୍ଥା ଥିବାବେଳେ ଏବେ ତାହା ୩୦ ସିଟ୍‌କୁ ବୃଦ୍ଧି ପାଇଛି । ଏହାଦ୍ୱାରା ଅନେକ ଲୋକ ମହାନଦୀର ଜଳରାଶି ଉପରେ ସୁନ୍ଦର ଦୃଶ୍ୟକୁ ଉପଭୋଗ କରିବା ସହ ସୁସ୍ୱାଦୁ ଭୋଜନର ମଜା ନେଇପାରିବେ। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ଓ ୱାଟର ସ୍ପୋର୍ଟ୍ସ ସିମ୍ପଲ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ଉଦ୍ୟମରେ ଏହି ବ୍ୟବସ୍ଥା କରାଯାଇଛି। ଏ ନେଇ ଓଟିଡିସି ମ୍ୟାନେଜର ତାରିକ ଅଲ୍ଲି କହିଛନ୍ତି, ଯେଉଁମାନେ ଟେବୁଲ କିମ୍ବା ରେଷ୍ଟୁରାଣ୍ଟ ବୁକ୍ କରିବାକୁ ଚାହିଁବେ, ସେମାନେ ପାନ୍ଥନିବାସ ଅଥବା ବୋଟ୍ କ୍ଲବ୍‌ରେ ସିଧାସଳଖ ବୁକିଂ କରିପାରିବେ।



କଟକର ସିଲ୍‌ଭର ସିଟି ବୋଟ୍ କ୍ଲବ୍‌ରେ ରବିବାର ଉଦ୍‌ଘାଟନ ହେବାକୁ ଥିବା ଫ୍ଲୋଟିଂ ରେଷ୍ଟୁରାଣ୍ଟ।

# 'ଛୋଟବେଳୁ ଶିଶୁଙ୍କ ପ୍ରତିଭା ଅନ୍ୱେଷଣ ଆବଶ୍ୟକ'

## କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର, ୨।୭(ବ୍ୟୁରୋ)**

ଛୋଟବେଳୁ ପ୍ରତିଭାବାନ ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କ ପ୍ରତିଭାର ବିକାଶ ନିମନ୍ତେ ଯତ୍ନ ନିଆଯିବା ଆବଶ୍ୟକ। ଶନିବାର କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ୧୬ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ତଥା ପରମାଣୁ ବୈଜ୍ଞାନିକ ଡ. ରାଜଗୋପାଳ ଚିଦାମ୍ବରମ୍ ଏହା କହିଛନ୍ତି। ଏଥିସହ ସେ ସ୍ୱପ୍ନର ଭାରତ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଭାରତର ସଫଳତା ଏବଂ ଅକ୍ଷୟ ଶକ୍ତିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସେ ୧୯୯୮ରେ ପୋଖରାନ୍ ଆଣବିକ ପରୀକ୍ଷଣ ବିଷୟରେ ତାଙ୍କର ଅଭିଜ୍ଞତା ବଖାଣିଥିଲେ। ଛାତ୍ରୀଛାତ୍ର ଆଣବିକ କାର୍ଯ୍ୟକ୍ରମ ପ୍ରତି ସଚେତନ ହେଲେ ଜାତୀୟ ସୁରକ୍ଷା ସମେତ କୃଷି ଏବଂ ଔଷଧ କ୍ଷେତ୍ରରେ ଉନ୍ନତି ଘଟିବ ବୋଲି ଚିଦାମ୍ବରମ୍ ପରାମର୍ଶ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ କିସ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଡ. ସତ୍ୟ ଏସ୍. ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁର ଅଭିବୃଦ୍ଧି ତଥା ସାମଗ୍ରିକ ବିକାଶରେ ବିଦ୍ୟାଳୟ ପ୍ରମୁଖ ଭୂମିକା ଗ୍ରହଣ କରେ ବୋଲି କହିଥିଲେ। କିଟ୍ ଏବଂ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ପାଠପଢ଼ା ଶୈଳୀକୁ ପ୍ରଶଂସା କରି କହିଥିଲେ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ତମ ମୂଲ୍ୟବୋଧ, ଅନୁଶାସନ ଏବଂ ଚରିତ୍ର ନିର୍ମାଣରେ ଉଭୟ ପିତାମାତା ଓ ଶିକ୍ଷୟିତ୍ରୀଶିକ୍ଷକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯଦି ନିଜେ ଭଲ ହେବାକୁ ଚେଷ୍ଟା କର, ତେବେ ସବୁକିଛି ତୁମମାନଙ୍କ ପାଇଁ ଭଲ ହେବ ଏବଂ ତୁମେମାନେ ମଧ୍ୟ ବୈଜ୍ଞାନିକ ଡ. ଚିଦାମ୍ବରମଙ୍କ ପରି ମହାନ ବ୍ୟକ୍ତି ହୋଇପାରିବ ବୋଲି ସାମନ୍ତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳ ଏବଂ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।




ପ୍ରତିଷ୍ଠା ଉତ୍ସବରେ ପରମାଣୁ ବୈଜ୍ଞାନିକ ଡ. ରାଜଗୋପାଳ ଚିଦାମ୍ବରମ୍ ଓ ଅନ୍ୟମାନେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଶିବକାନ୍ତ


@ ଅମିତ


@ ଦିଲ୍ଲୀପ


@ ବାବୁନି


@ ଲିପୁ


@ ଶିବ




ପୁରୀ: ରଥ ଉପରେ ଶନିବାର ଦିନତମାମ ଭକ୍ତଙ୍କୁ ଦର୍ଶନ ଦେବା ପରେ ଅପରାହ୍ଣରେ ଗୁଣ୍ଡିଚାମନ୍ଦିରସ୍ଥିତ ଜନ୍ମବେଦୀ ବା ଆଡ଼ପମଣ୍ଡପକୁ ପହଣ୍ଡିରେ ଯାଉଛନ୍ତି ଶ୍ରୀବଳଭଦ୍ର,ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥ।

# ଆଡ଼ପ ମଣ୍ଡପକୁ ବିଜେ କଲେ ମହାପ୍ରଭୁ

**ପୁରୀ ଅଫିସ,୨।୭**

- ରାତି ୭ଟା ୫୫ରେ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ
- ଆଜିଠୁ ଆଡ଼ପ ଅବଢ଼ା ପାଇବେ ଭକ୍ତ

ଶ୍ରୀମନ୍ଦିରରୁ ଆସି ଜନ୍ମବେଦୀରେ ପହଞ୍ଚିଯାଇଛନ୍ତି ଚତୁର୍ଦ୍ଧାବିଗ୍ରହ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ ଭାଇ ବଳଭଦ୍ର ଓ ଭଉଣୀ ମା' ସୁଭଦ୍ରାଙ୍କୁ ନେଇ ରଥାରୂଢ଼ ହୋଇ ବଡ଼ଦାଣ୍ଡ ଦେଇ ଜନ୍ମବେଦୀକୁ ଆସିଛନ୍ତି। ଦୀର୍ଘ ଦୁଇ ବର୍ଷ ପରେ ମହାପ୍ରଭୁଙ୍କୁ ନିକଟରେ ପାଇ ଭକ୍ତ ଓ ଶ୍ରଦ୍ଧାଳୁ ଆତ୍ମବିଭୋର ହୋଇଯାଇଛନ୍ତି। ଭକ୍ତଙ୍କୁ ଦର୍ଶନ ଦେବା ପରେ ଶନିବାର ଆଡ଼ପମଣ୍ଡପକୁ ବିଜେ କରିଛନ୍ତି ମହାପ୍ରଭୁ। ରବିବାରଠାରୁ ଜନ୍ମବେଦୀରେ ଭକ୍ତଙ୍କୁ ଦର୍ଶନ ଦେବେ ଦାରୁବିଗ୍ରହ। ଦାରୁବିଗ୍ରହମାନେ ଆଡ଼ପ ମଣ୍ଡପରେ ବିଜେ କରିବା ପରେ ରବିବାରଠାରୁ ଭକ୍ତମାନଙ୍କୁ ଆଡ଼ପ ଅବଢା ମିଳିବ।

ମହାପ୍ରଭୁ ଶ୍ରୀଜଗନ୍ନାଥ ପରମ୍ପରା ଅନୁଯାୟୀ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଭଉଣୀଭାଇଙ୍କୁ ସାଥୀରେ ଧରି ଘୋଷଯାତ୍ରାରେ ବାହାରି ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଲକ୍ଷ ଲକ୍ଷ ଭକ୍ତ ବଡ଼ଦାଣ୍ଡରୁ ରଥ ଟାଣିନେଇ ଶରଧାବାଲିରେ ପହଞ୍ଚାଇଥିଲେ। ରଥାରୂଢ଼ ଶ୍ରୀବିଗ୍ରହମାନେ ଶନିବାର ଦିନତମାମ ଭକ୍ତଙ୍କୁ ଦର୍ଶନ ଦେବା ପରେ ଅପରାହ୍ଣରେ ବାହାରିଥିଲେ ଜନ୍ମବେଦୀକୁ। ପରେ ଶ୍ରୀବିଗ୍ରହମାନଙ୍କ ସହଳ ପହଣ୍ଡି ଆରମ୍ଭ ହୋଇଥିଲା। ଆଡ଼ପ ପହଣ୍ଡି ନିମନ୍ତେ ଭୋର ୩ଟା ୩୦ରୁ ୬ଟା ୪୫ ମଙ୍ଗଳ ଆଳତି, ତଡପଲାଗି ୬ଟା ୪୫ରୁ ୭ଟା ୧୫, ତିନିରଥରେ ଅବକାଶ ୭ଟାରୁ ୮ଟା, ଗୋପାଳ ବଲ୍ଲଭ ୯ଟା, ସକାଳଧୂପ ଶେଷ ପୂର୍ବାହ୍ଣ ୧୧ଟା, ରଥ ମହାସ୍ନାନ ଶେଷ ୧୧ଟା ୩୫, ବେଶ ୧୨ଟା ୨୦, ମଧ୍ୟାହ୍ନ ଧୂପ ଶେଷ ଅପରାହ୍ଣ ୧ଟା ୧୫, ଅନ୍ୟାନ୍ୟ ନୀତି ବଢ଼ି ୨ଟା ୪୫ରେ ଶେଷ ହୋଇଥିଲା। ସନ୍ଧ୍ୟାଧୂପ ସମ୍ପନ୍ନ ପରେ ତିନିରଥରୁ ଘୋଡ଼ା ଫିଟାଯାଇ ଚାରମାଳ ବନ୍ଧାଯାଇଥିଲା। ଅପରାହ୍ଣ ୫ଟା ସୁଦ୍ଧା ସମସ୍ତ କାର୍ଯ୍ୟ ସରିବା ପରେ ପହଣ୍ଡି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଏହାପରେ ମୁଦିରସ୍ତ ସେବକ ତିନି ରଥରେ ପର୍ଯ୍ୟାୟ ଅନୁଯାୟୀ ପୁଷ୍ପାଞ୍ଜଳି ପ୍ରଦାନ କରିବା ପରେ ପହଣ୍ଡି ନିମନ୍ତେ ବିଜେ କାହାଳୀ ବାଜିଥିଲା। ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ଆଡ଼ପମଣ୍ଡପକୁ ଗୋଟି ପହଣ୍ଡିରେ ଅପରାହ୍ଣ ୫ଟା ୪୦ରେ ବିଜେ କରିଥିଲେ। ସନ୍ଧ୍ୟା ୬ଟାରେ ଚକ୍ରରାଜ ଶ୍ରୀସୁଦର୍ଶନ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ। ସନ୍ଧ୍ୟା ୬ଟା ୧୦ରେ ବଡ଼ ଠାକୁର ବଳଭଦ୍ର ଓ ମା' ସୁଭଦ୍ରାଙ୍କ ରାତି ୭ଟା ୨୦ରେ ପହଣ୍ଡି ହୋଇ ଆଡ଼ପ ମଣ୍ଡପକୁ ବିଜେ ହୋଇଥିଲେ। ପହଣ୍ଡି ସମୟରେ ଘଣ୍ଟ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ଶରଧାବାଲି। ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ଏହି ସମୟରେ ବର୍ଷା ଆରମ୍ଭ ହୋଇଥିଲା। ରାତି ୭ଟା ୫୫ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିବା ବେଳେ ବର୍ଷାରେ ଭିଜି ଭିଜି ଆଡ଼ପ ମଣ୍ଡପକୁ ବିଜେ କରିଥିଲେ। ଦାରୁ ବିଗ୍ରହମାନେ ପହଣ୍ଡି ପାଇଁ ରଥ ସିଂହାସନ ଛାଡ଼ି ହଂସପଟା ନିକଟକୁ ଆସିବା ପରେ ଠାକୁରଙ୍କର ଟାହିଆ ଲାଗି ହୋଇଥିଲା। ପତିମହାପାତ୍ର ସେବକ ଘଷା ଓ ବଡ଼ିଆ ମଣୋହୀ କରିବା ସହିତ ଆଳିତ କରିଥିଲେ। ଏହାପରେ ଗୋଟି ପହଣ୍ଡିରେ ଜଣକ ପରେ ଜଣେ ଠାକୁର ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ।


ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ଭକ୍ତମାନେ ଆଡ଼ପମଣ୍ଡପକୁ ନେଉଛନ୍ତି।

## ଓଡ଼ିଆ ଜନମାନସର ସ୍ରଷ୍ଟା ଥିଲେ କାଳିନ୍ଦୀ ଚରଣ ପାଣିଗ୍ରାହୀ

**ବାଲିପାଟଣା,୨।୭(ଡି.ଏନ୍.ଏ.):** ଖ୍ୟାତନାମା ଓଡ଼ିଆ କବି ତଥା ଔପନ୍ୟାସିକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ଅବସରରେ ଶନିବାର ଜନ୍ମମାଟି ବିଶ୍ୱନାଥପୁର ଠାରେ ସାରସ୍ୱତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସ୍ଥାନୀୟ ଅନୁଷ୍ଠାନ ଯୁବଶକ୍ତି ସାମାଜିକ ଓ ସାଂସ୍କୃତିକ ପରିଷଦ, ଷ୍ଟାର ୟୁଥ୍ କ୍ଲବର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅଧ୍ୟାପିକା ଡ. ବିଷ୍ଣୁପ୍ରିୟା ଓତା ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀ ଓଡ଼ିଆ ଜନମାନସର ସ୍ରଷ୍ଟା ଥିଲେ ବୋଲି କହିଥିଲେ। ସମାଜରେ ରହିଥିବା କୁସଂସ୍କାରର ନିବାରଣ ପାଇଁ ପାଣିଗ୍ରାହୀ ତାଙ୍କର ଲେଖା ମାଧ୍ୟମରେ ଯେଉଁ ପ୍ରୟାସ କରିଛନ୍ତି ତାହା ପୁନର୍ବାର ସମ୍ଭବ ହୋଇ ନ ପାରେ ବୋଲି ସେ କହିଥିଲେ। ଅନ୍ୟତମ ଅତିଥିଭାବେ ଡ. କବିତା ବାରିକ ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କ ଅନବଦ୍ୟ ସୃଷ୍ଟି ସମାଜ ଭିତରେ ମାନବିକତାର ବାର୍ତ୍ତା ବହନ କରୁଥିବା କହିଥିଲେ। ସାହିତ୍ୟ ଏକାଡେମୀର ସଦସ୍ୟ ବିବେକାନନ୍ଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବାଲିପାଟଣା ପ୍ରେସ୍ କ୍ଲବର ସଭାପତି ଦିଲୀପ କୁମାର ଓଝା, ସ୍ଥାନୀୟ ଗ୍ରାମର ବିରଞ୍ଚି ନାରାୟଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ କାଳିନ୍ଦୀ ଚରଣଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆୟୋଜକ ପରିଷଦର ଭାରତ ଭୂଷଣ ମିଶ୍ର ଓ ସାହିତ୍ୟ ଏକାଡେମୀ ପକ୍ଷରୁ ଗଙ୍ଗାଧର ସାହୁଙ୍କ ସମେତ ବହୁ ସାହିତ୍ୟପ୍ରେମୀ, ଗ୍ରାମବାସୀ ଉପସ୍ଥିତ ଥିଲେ।



କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।







## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ସଂକ୍ରମଣଶୀଳ ରୋଗର ସଚେତନତା ଶିବିର, ବ୍ଲୁ ହ୍ୱିଲ୍ ସମ୍ମିଳନୀ କକ୍ଷ, ମଞ୍ଚେଶ୍ୱର, ସକାଳ ୬ଟା।
- ବନ ମହୋତ୍ସବ, ଚନ୍ଦକା, ପୂର୍ବାହ୍ଣ ୯ଟା।
- ଅଜୟ ଉଚ୍ଚ ମାଧ୍ୟମିକ ସ୍କୁଲର ବାର୍ଷିକ ଉତ୍ସବ, ସ୍କୁଲ ପରିସର, ଅପରାହ୍ଣ ୪ଟା।
- ୧୩ତମ କଟନ୍ ଫ୍ୟାବ୍-୨୦୨୨, ଗେଟ୍ ନଂ.-୨, ଏକାମ୍ର ହାଟ ପାଖ, ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ଣ ୧୦ଟା ୩୦।
- ପକ୍ଷୀଘର ପ୍ରକାଶନୀ ପ୍ରକାଶିତ ଡ. ଅଭିରାମ ଦାସଙ୍କ କବିତା ପୁସ୍ତକ 'ଏକା ଏକା ବର୍ଷା ମିଶ୍ର' ଲୋକାର୍ପଣ ଉତ୍ସବ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା ୩୦।
- ଶ୍ରଦ୍ଧାଞ୍ଜଳି କ୍ଲବର କଳାକାରମାନଙ୍କ ଦ୍ୱାରା ନାଟକ 'ଅର୍ଜୁନି' ମଞ୍ଚସ୍ଥ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ
- କୁମାର ଲାଇଟ୍ସର ବାର୍ଷିକ ଉତ୍ସବ, ହୋଟେଲ ଶ୍ରୀଜଗନ୍ନାଥ, ମହତାବରୋଡ, ଦୋଳମୁଣ୍ଡାଇ, ପୂର୍ବାହ୍ଣ ୧୧ଟା।
- ଏସ୍‌ସିବି ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ବୈଠକ, ସର୍କିଟ ହାଉସ୍, ପୂର୍ବାହ୍ଣ ୧୧ଟା।
- ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲ୍‌ର ଶତବାର୍ଷିକୀ ପାଳନ ଅବସରରେ ଆଲୋଚନାଚକ୍ର, ସିଏଲ୍‌ଟି-୧, ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ଣ ୧୧ଟା ୩୦।
- ଓଟିଡିସି ପକ୍ଷରୁ ଫ୍ଲୋଟିଂ ରେସ୍ତୋରାଁର ଉଦ୍‌ଘାଟନ, ସିଲ୍‌ଭର ସିଟି ବୋଟ୍ କ୍ଲବ, ମାତାମଠ, ଅପରାହ୍ଣ ୩ଟା।
- କଟକ ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ଗୁରୁଜନ ପତ୍ରିକା ଉନ୍ମୋଚନ ଉତ୍ସବ, ବଣ୍ଡା ମେଡ଼ିକାଲ ସେଣ୍ଟର ସଭାଗୃହ,କେଶରପୁର, ଅପରାହ୍ଣ ୫ଟା।

# ରାଜ୍ୟପାଳଙ୍କୁ 'କାଦମ୍ବିନୀ ସମ୍ମାନ'


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ 'କାଦମ୍ବିନୀ ସମ୍ମାନ' ପ୍ରଦାନ କରାଯାଉଛି।

**ଭୁବନେଶ୍ୱର,୨।୭(ବ୍ୟୁରୋ)**

ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ'ର ତ୍ରୟୋବିଂଶ ଓ ମାସିକ ପାରିବାରିକ ଶିଶୁ-କିଶୋର ପତ୍ରିକା 'କୁନିକଥା'ର ଦ୍ୱାଦଶ ସ୍ୱନକ୍ଷତ୍ର ଉତ୍ସବ ଶନିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଲେ, ବେଦ ଓ ପଞ୍ଚତନ୍ତ୍ର ମାଧ୍ୟମରେ କାଦମ୍ବିନୀ ସମସ୍ତଙ୍କୁ ଐଶ୍ୱରିକ ସତ୍ତା ଜାଗ୍ରତ କରାଇବା ସହ ସମସ୍ତଙ୍କ ମଧ୍ୟରେ ପ୍ରେମ, ଐକ୍ୟ, ଭ୍ରାତୃଭାବ ଓ ଆଧ୍ୟାତ୍ମିକତାର ଅନୁଭବ କରାଇପାରିବ। ଏକ କଣ୍ଢେଇ ମଧ୍ୟରେ ଜୀବନ ଭରିବା ଯାହା, ଏହି ଦୁଇ ପତ୍ରିକାକୁ ଜୀବନ ଦେବାରେ ପ୍ରତିଷ୍ଠାତା ଇତି ସାମନ୍ତଙ୍କ ସଫଳତା ତାହା। ଏଥିସହ ସଂସାର, ଜୀବନ, ମୃତ୍ୟୁ ଆଦି କିଭଳି ରହସ୍ୟମୟ ସେ ବିଷୟରେ ରାଜ୍ୟପାଳ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଲୋକସେବକ ମଣ୍ଡଳ ଓଡ଼ିଶା ଶାଖାର ସଭାପତି ତଥା ସମାଜର ପ୍ରକାଶକ ଓ ମୁଦ୍ରାକାର ନିରଞ୍ଜନ ରଥ, କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ, କିସ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ସତ୍ୟ ଏସ୍. ତ୍ରିପାଠୀ ଏବଂ କିସ୍ ଓ କିଟ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଉପସ୍ଥିତ ଥିଲେ। ଜୁଲାଇ ମାସର କାଦମ୍ବିନୀ ପତ୍ରିକାରେ ସ୍ଥାନ ପାଇଥିବା ଜଳବାୟୁ ପରିବର୍ତ୍ତନ ଶୀର୍ଷକ ଲେଖା ସମ୍ପର୍କରେ କୁଳାଧିପତି ତ୍ରିପାଠୀ କହିଲେ, ପ୍ରକୃତି ହେଉଛି ମାଆ। ଆମେ ଭବିଷ୍ୟତ କଥା ଚିନ୍ତା ନ କରି ପ୍ରକୃତି ଉପରେ ନାନା ଅତ୍ୟାଚାର କରୁଛନ୍ତି। ଏବେଠୁ ସତର୍କ ନ ହେଲେ, ଆମ ବଂଶଧର ଅସୁବିଧାର ସମ୍ମୁଖୀନ ହେବେ। ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ଚଳିତବର୍ଷର 'କାଦମ୍ବିନୀ ସମ୍ମାନ-୨୦୨୨' ପ୍ରଦାନ କରାଯାଇଥିଲା। ସେହିପରି

### କାଦମ୍ବିନୀ ସାହିତ୍ୟ ଏକାଡେମୀର ଶୁଭାରମ୍ଭ

କୋଭିଡ୍ ପାଇଁ ଗତ ୨ବର୍ଷ ସମ୍ମାନ ପ୍ରଦାନ ଉତ୍ସବ ବନ୍ଦ ଥିବାରୁ ୨୦୨୧ ବର୍ଷ ପାଇଁ ନିରଞ୍ଜନ ରଥଙ୍କୁ ଓ ୨୦୨୦ ବର୍ଷ ପାଇଁ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କୁ 'କାଦମ୍ବିନୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ରାଜ୍ୟପାଳ କାଦମ୍ବିନୀ ସାହିତ୍ୟ ଏକାଡେମୀର ଶୁଭାରମ୍ଭ କରିଥିଲେ। ପରେ ଏକାଡେମୀ ପକ୍ଷରୁ ପବିତ୍ର ପାଣିଗ୍ରାହୀଙ୍କୁ 'କାଦମ୍ବିନୀ ଗଳ୍ପ ସମ୍ମାନ-୨୦୨୦', ଗଙ୍ଗାଧର ବିଶ୍ୱାଳଙ୍କୁ 'କାଦମ୍ବିନୀ ଗଳ୍ପ ସମ୍ମାନ-୨୦୨୧' ଓ ପଲ୍ଲିଶ୍ରୀ ପଟ୍ଟନାୟକଙ୍କୁ 'କାଦମ୍ବିନୀ ଗଳ୍ପ ସମ୍ମାନ-୨୦୨୨' ଏବଂ ନିରାକାର ଦାସଙ୍କୁ 'କାଦମ୍ବିନୀ କବିତା ସମ୍ମାନ-୨୦୨୧' ଓ ପ୍ରୀତିଧାରା ସାମଲଙ୍କୁ 'କାଦମ୍ବିନୀ କବିତା ସମ୍ମାନ-୨୦୨୨' ପ୍ରଦାନ କରାଯାଇଥିଲା। କାଦମ୍ବିନୀ ଗଳ୍ପ ଓ କବିତା ସମ୍ମାନ ସ୍ୱରୂପ ପ୍ରତ୍ୟେକଙ୍କୁ ଦଶ ହଜାର ଟଙ୍କାର ଅର୍ଥରାଶି ସମେତ ମାନପତ୍ର ଓ ଉତ୍ତରୀୟ ଦିଆଯାଇଥିଲା। ଚଳଚ୍ଚିତ୍ର ଅଭିନେତ୍ରୀ ଅନୁ ଚୌଧୁରୀ, ମାମା ମିଶ୍ର, ଉଷସୀ ମିଶ୍ର ଓ ଜ୍ୟୋତି ମିଶ୍ରଙ୍କୁ 'କାଦମ୍ବିନୀ ପ୍ରଚ୍ଛଦଶିଳ୍ପୀ ସମ୍ମାନ-୨୦୨୨' ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ କର୍ମଚାରୀ ଭାବେ ରତି ରଞ୍ଜନ ପରିଡ଼ାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରାରମ୍ଭରେ ସମ୍ପାଦିକା ଇତି ସାମନ୍ତ ପତ୍ରିକା ବିଷୟରେ କହିଥିଲେ। ଡ. ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିଲେ।



## ସଂକ୍ଷେପରେ

### ପୋଚ ସହ ରନ୍ଧା ମଦ ଜବତ



**ବେଗୁନିଆ/ବୋଲଗଡ଼, ୨।୭(ଡି.ଏନ୍.ଏ.):** ବେଗୁନିଆ ଥାନା ଅଞ୍ଚଳରେ ବେଆଇନ ଭାବେ ମଦ ବିକ୍ରି ଓ ଦେଶୀ ରନ୍ଧା ମଦ ଭାଟି ରହିଛି ବୋଲି ଅଭିଯୋଗ ହୋଇଆସୁଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା, ଜଟଣୀ ଓ ବେଗୁନିଆ ଅବକାରୀ ବିଭାଗର ମିଳିତ ଟିମ୍ ଶନିବାର ବେଗୁନିଆ ଥାନା ତଥା ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଣିବନ୍ଧ ଓ ଦଦରାକାନ୍ଥ ଗ୍ରାମରେ ଚଢ଼ାଉ କରି ୬୮୦୦ ଲିଟର ପୋଚ ସହ ୪୧୦ ଲିଟର ଦେଶୀ ରନ୍ଧା ମଦ ଜବତ କରିଛି। ତେବେ ଜବତ ମଦ ଓ ସାମଗ୍ରୀର ଆନୁମାନିକ ମୂଲ୍ୟ ୩ ଲକ୍ଷ ୮୧ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ପୂର୍ବରୁ ଖବରପାଇ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖୋର୍ଦ୍ଧା ଅବକାରୀ ଇନ୍‌ସ୍ପେକ୍ଟର ଭୈରବ ସାହୁ, ଇନ୍‌ସ୍ପେକ୍ଟର(ମୋବାଇଲ)ସସ୍ମିତା ହୋତା, ଓଆଇସି ଗୀତାଞ୍ଜଳି ବେହେରା ଏବଂ ଓଆଇସି ବି.ମନୋଜ କୁମାରଙ୍କ ସମେତ କର୍ମଚାରୀ ଏହି ଚଢ଼ାଉରେ ସାମିଲ ଥିଲେ।

### ଟ୍ରେଲର ଧକ୍କାରେ ମହିଳା ଗୁରୁତର

**ବୋଲଗଡ଼, ୨।୭(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ତଥା ବେଗୁନିଆ ଥାନା ଅଧୀନ ଧଳାପଥର କଳାପଥର ବାଳିକା ଉଚ୍ଚ ବିଦ୍ୟାଳୟ ଛକରେ ଟ୍ରେଲର ଧକ୍କାରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ନୟାଗଡ ଜିଲା ଫତେଗଡ ଥାନା ବଡସହରା ଗ୍ରାମର ଦତିକା ମହାରଣା (୫୦)। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ କଳାପଥର ମେଡିକାଲ ଓ ପରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଦୁତିକା ସମ୍ପର୍କୀୟଙ୍କ ସହିତ ବାଇକରେ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ବେଳେ ବିପରୀତ ପଟୁ ଆସୁଥିବା ଏକ ଟ୍ରେଲର ସେମାନଙ୍କ ବାଇକକୁ ଧକ୍କା ଦେଇଥିଲା। ଧଳାପଥର ଫାଣ୍ଡି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

### ଭୀମ୍ ଆର୍ମି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ଜଟଣୀ, ୨।୭(ଡି.ଏନ୍.ଏ.):** ଭାରତ ଏକତା ମିଶନ ଓଡ଼ିଶା ଭୀମ୍ ଆର୍ମି ଖୋର୍ଦ୍ଧା ଶାଖା ପକ୍ଷରୁ ଶନିବାର ତିନିଦଫା ଦାବିରେ ଖୋର୍ଦ୍ଧା ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, ବଡ଼ତୋଟା ଗ୍ରାମସ୍ଥିତ ବିଏସ୍‌ଏଫ୍ କ୍ୟାମ୍ପ ସମ୍ମୁଖ ଜଟଣୀ-ଖୋର୍ଦ୍ଧା ମୁଖ୍ୟରାସ୍ତା ପାର୍ଶ୍ୱ ବାବା ସାହେବ ଆମ୍ବେଦ୍‌କରଙ୍କ ପ୍ରତିମୂର୍ତ୍ତି ଭଙ୍ଗାଯିବା ପ୍ରତିବାଦରେ ଭୀମ ଆର୍ମି ଏକତା ମିଶନ ସହଯୋଗରେ ଦଳିତ ଆଦିବାସୀ ପରିବାରର ସାଧାରଣ ସମ୍ପାଦକ ସର୍ବେଶ୍ୱର ନାୟକ, ଦଳିତ ଆଦିବାସୀ ମହାସଂଘ ମୋହନ ନାୟକ, କୁନ୍ଦନ ନାୟକ ରାସ୍ତାରୋକୋ କରିଥିଲେ। ନୂତନ ପ୍ରତିମୂର୍ତ୍ତି ସ୍ଥାପନ, ପ୍ରତିମୂର୍ତ୍ତି ଚାରିପଟେ ବ୍ୟାରିକେଡ୍ ନିର୍ମାଣ, ଦୁଇଦିନ ମଧ୍ୟରେ ଦୁର୍ବୃତ୍ତଙ୍କୁ ଗିରଫ ଏବଂ ପ୍ରତିମୂର୍ତ୍ତି ସ୍ଥାପନ ସ୍ଥାନକୁ ସଙ୍ଗଠନ ନାମରେ ନାମିତ କରିବା ପାଇଁ ଦାବି କରିଥିଲେ। ପ୍ରଶାସନ ପକ୍ଷରୁ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ଅଦ୍ୟାବଧି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ସମସ୍ତ ଦାବି ପୂରଣ ପାଇଁ ସଙ୍ଗଠନର ତୋଫାନ ଘଡେଇ, ସୋମନାଥ ଘଡେଇ, ମୋହନ ଜେନା ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

# ବଚସାରୁ ଯୁବକଙ୍କୁ ଗୋଡ଼ାଇ ହାଣିଲେ

**ଖୋର୍ଦ୍ଧା ଅଫିସ, ୨।୭**

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ଚତରାଶଙ୍ଖ ନିକଟରେ ଶନିବାର ଅପରାହ୍ନରେ ସାମାନ୍ୟ ବଚସାରୁ ଦୁଇ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ଜଣେ ଅନ୍ୟ ଜଣେ ଯୁବକଙ୍କୁ କଟୁରିରେ ଗୋଡ଼ାଇ ହାଣିଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ସେ ହେଲେ ରାସନ ତନ୍ତି। ଘର ଗୁରୁଜଙ୍ଗ ଅଞ୍ଚଳର ବୋଲି କୁହାଯାଉଛି। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଆକ୍ରମଣକାରୀ ସନ୍ତୋଷ ବାରିକ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ତେବେ ସନ୍ତୋଷ ଆକ୍ରମଣ ପରେ କଟୁରି ଧରି ଚାଲି ଚାଲି ଯାଉଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଶନିବାର ଅପରାହ୍ନରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପ୍ରଥମେ ବଚସା ପରେ ହାତାହାତି ହୋଇଥିଲେ। ସନ୍ତୋଷ ଏକ ଠେଙ୍ଗାରେ ରାସନଙ୍କୁ ଆକ୍ରମଣ କରିଥିଲେ। ରାସନ ଧରିଥିବା କଟୁରିରେ ସନ୍ତୋଷଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସନ୍ତୋଷ ସାମାନ୍ୟ ଆହତ ହୋଇଥିଲେ। ସନ୍ତୋଷ ଉତ୍‌କ୍ଷିପ୍ତ ହୋଇ କଟୁରି ଛଡାଇ ନେଇ ପ୍ରଥମେ ରାସନର ମୁଣ୍ଡକୁ




ସିସିଟିଭିରେ କଏଦ ଆକ୍ରମଣକାରୀଙ୍କ ଫଟୋ ଏବଂ ଗୁରୁତର ରାସନ ତନ୍ତି।

**ଆକ୍ରମଣକାରୀଙ୍କ ଫଟୋ ସିସିଟିଭିରେ କଏଦ**

ଚୋଟ ମାରିଥିଲେ। ସେଠାରୁ ସେ ଖସିଯିବାକୁ ଉଦ୍ୟମ ବେଳେ ଗୋଡ଼ାଇ ହାଣିଥିଲେ। ତଳେ ପଡିଯିବା ପରେ ହାତ, ଗୋଡ, ପିଠିକୁ ହାଣି ସେଠାରୁ ସନ୍ତୋଷ ଫେରାର ହୋଇଯାଇଥିଲେ। ରାସ୍ତାକଡରେ ଆହତ ଅବସ୍ଥାରେ ଜଣେ ଯୁବକ ପଡିଥିବା ଖବରପାଇ ଟାଉନ ପୋଲିସ ପହଞ୍ଚି ରାସନଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀଙ୍କ ବ୍ରାଉନସୁଗାର କାରବାର ସହିତ ସମ୍ପୃକ୍ତି ରହିଥିବା ଏବଂ ତାଙ୍କର ଜଣେ ସମ୍ପର୍କୀୟ ଟାଉନ ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟ କରୁଥିବା ଚର୍ଚ୍ଚା ହେଉଛି।

# ଗ୍ରୀଲ୍ ତାଲା ଭାଙ୍ଗି ୩ ଲକ୍ଷ ଟଙ୍କା, ସୁନା ଅଳଙ୍କାର ଚୋରି

**ବାଣପୁର, ୨।୭(ଡି.ଏନ୍.ଏ.)**

**ଖଣ୍ଡା ଜବତ, ଜଣେ ଅଟକ**

ବାଣପୁର ଥାନା ଅଧୀନ ୧୩ ନମ୍ବର ୱାର୍ଡର ଚିଆଁଙ୍କସାହିର ଅଜୟ କୁମାର ପଣ୍ଡାଙ୍କ ଘର ଗ୍ରୀଲ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୩ ଲକ୍ଷ ଟଙ୍କା ସହ ସୁନା ଅଳଙ୍କାର ଚୋରି କରିନେଇଥିବା ଶନିବାର ଅଭିଯୋଗ ହୋଇଛି। ତେବେ ଦୁର୍ବୃତ୍ତମାନେ ଛାଡ଼ିଯାଇଥିବା ଏକ ଖଣ୍ଡା ପୋଲିସ ଜବତ କରିବା ସହ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ଶୁକ୍ରବାର ଅଜୟଙ୍କ ସାନପୁଅର ବ୍ରତୋପନୟନ ଉତ୍ସବ ହୋଇଥିଲା। ସମ୍ପର୍କୀୟମାନେ ଉପହାର ଦେଇଥିବା ସୁନାଅଳଙ୍କାର ଓ ଟଙ୍କା ଏକ ରୁମରେ ରଖିବା ସହ ତାଲା ପକାଇ ପରିବାର ଲୋକେ ଶୋଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଘର ବାରିପଟ ଗ୍ରୀଲ ତାଲା ଭାଙ୍ଗିବା ସହ ଉକ୍ତ ରୁମ୍‌ର ତାଲା ଭାଙ୍ଗି ୧୨ଟି ସୁନାମୁଦି, ୩ ଲକ୍ଷ ଟଙ୍କା ଓ ମୋବାଇଲ ଫୋନ ଚୋରି କରି ନେଇଯାଇଥିଲେ। ଶନିବାର ସକାଳେ ଘରୁ ଚୋରି ହୋଇଥିବା ଜାଣିବା ପରେ ଅଜୟ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିବା ବେଳେ ଅପରାହ୍ନରେ ସାଇଣ୍ଟିଫିକ୍ ଏବଂ ଡଗ ସ୍କ୍ୱାଡ୍ ଟିମ୍ ପହଞ୍ଚି ତଦନ୍ତ କରି ଫେରିଯାଇଛନ୍ତି। ପୋଲିସ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାରକରି ତଦନ୍ତ ଚଳାଇଛି।

# ପରିବେଶ ସୁରକ୍ଷା ଲାଗି ଆହ୍ୱାନ

**ଖୋର୍ଦ୍ଧା ଅଫିସ, ୨।୭**

ବନ ମହୋତ୍ସବ ସପ୍ତାହ ଅବସରରେ ସାମାଜିକ ଅନୁଷ୍ଠାନ ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ସ୍ଥାନୀୟ ଭାଲିଆବାଡ଼ି ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ନରେନ୍ଦ୍ର ପୃଷ୍ଟି ଓ ସମ୍ପାଦକ ପ୍ରକାଶ ଦାସ ସଂଯୋଜନା କରିଥିଲେ। ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଓକିଲ ସଂଘର ସଭାପତି ବିଜୟ ସାମନ୍ତସିଂହାର ଅତିଥିଭାବେ ଯୋଗଦେଇ ଚାରାଟିଏ ରୋପଣ କରି ପରିବେଶ ସୁରକ୍ଷା ଲାଗି ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ ବେହେରା, ଡା.ଅମୀୟ ଜେନାମଣି, ବିଜୟ ଛୋଟରାୟ, ନୃସିଂହ ମିଶ୍ର, ଡ. ବୃନ୍ଦାବନ ପଣ୍ଡା, ବିକ୍ରମ ଚମ୍ପତି, ନିରଞ୍ଜନ କର ଓ ସ୍ମିତା ମିଶ୍ର, ପ୍ରଭାତ ପରିଡା, ଲିଲି ଛୋଟରାୟ, ସଞ୍ଜୁକ୍ତା ରାମ୍, ମାମିନା ପ୍ରଧାନ, ଶର୍ମିଷ୍ଠା ପଟ୍ଟନାୟକ, ସନ୍ଦୀପ ବୋଷ, ରୀତାଞ୍ଜଳି ବେହେରା, ଶୁଭଶ୍ରୀ ବେହେରା, ଗାୟତ୍ରୀ ବୋଷ, ଜୟନ୍ତୀ ସାହୁ, ସୁନୀଲ ପ୍ରଧାନ, ପ୍ରତିଶ ମାର୍ଥା, ମନୋଜ ଦାଶଙ୍କ ସମେତ ମଞ୍ଚର ସମସ୍ତ ସଦସ୍ୟ, ମହାବୀର ଯୁବକ ସଂଘର ସଭ୍ୟମାନେ ଉପସ୍ଥିତ ଥିଲେ।

# ଜିରୋ କାଜୁଆଲ୍‌ଟି, ଦ୍ରୁତ ସେବାକୁ ଗୁରୁତ୍ୱ



କର୍ମଶାଳାରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟ ଅଧିକାରୀ।

**ଖୋର୍ଦ୍ଧା ଅଫିସ, ୨।୭**

**ଓଡ଼ିଶା ରିଲିଫ କୋଡ୍ ସଂକ୍ରାନ୍ତୀୟ କର୍ମଶାଳା**

ଓଡ଼ିଶା ରିଲିଫ କୋଡ୍ ସଂକ୍ରାନ୍ତରେ ଜିଲାସ୍ତରୀୟ କର୍ମଶାଳା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନଙ୍କ ପ୍ରଶିକ୍ଷକମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରାଜ୍ୟ ସରକାର ଜିରୋ କାଜୁଆଲ୍‌ଟି ଉପରେ ଗୁରୁତ୍ୱ ଦେଉଛନ୍ତି। ସରକାରଙ୍କ ବାର୍ତ୍ତା ରହିଛି ପ୍ରତ୍ୟେକ ଜୀବନ ମୂଲ୍ୟବାନ୍। ଏହାକୁ ଦୃଷ୍ଟିରେ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି। ବିପର୍ଯ୍ୟୟ ପ୍ରଭାବିତ ଲୋକଙ୍କୁ ଦ୍ରୁତ ସେବା, ସହାୟତା, ମୃତକଙ୍କ ପରିବାରକୁ ସହାୟତା ମଞ୍ଜୁର, ଗୃହ ନିର୍ମାଣ, ଚାଷଜନିତ କ୍ଷୟକ୍ଷତି ଆକଳନ, କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କୁ ସହାୟତା ପ୍ରଦାନ ସହିତ ବିପର୍ଯ୍ୟୟ ରିପୋର୍ଟ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ମନୋଜ ପାଢ଼ୀ, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ ସ୍ୱାଇଁ, ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଦିଗନ୍ତ ରାଉତରାୟ, ଉପଜିଲାପାଳ ଆଇ. ଗୌରବ ଶିବାଜୀ, ଦେବବ୍ରତ ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ମଦ ଜବତ, ୩ ଗିରଫ

**ବାଣପୁର, ୨।୭(ଡି.ଏନ୍.ଏ.)**

ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଶନିବାର ବାଣପୁର ଥାନା ଅନ୍ତର୍ଗତ କୁମାଣ୍ଡୋଳ ପାଟଣା ସମେତ ଆଙ୍କୁଲାଚଟି ଓ ବ୍ରାହ୍ମଣ କୁଶଡିହ ଗ୍ରାମରେ ଚଢାଉ କରାଯାଇ ୨୫ ଲିଟର ଦେଶୀ ମଦ ସହ ୪୫ ଲିଟର ପୋଚ ଜବତ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ୩ଟି ମାମଲା (ନଂ.୪୫, ୪୬ ଓ ୪୭/୨୨) ରୁଜୁ କରାଯିବା ସହ ମାନସ ରଞ୍ଜନ ହରିଚନ୍ଦନ, ପୁରୁଷୋତ୍ତମ ନାୟକ ଏବଂ ଗୋପୀନାଥ ମଙ୍ଗରାଜଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକାରୀ ସୁନିତା ଦଳାଇ କହିଛନ୍ତି।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ବୋଲଗଡ଼, ୨।୭(ଡି.ଏନ୍.ଏ.)**

ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜିକା ପ୍ରଭାସିନୀ ସିଂହଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ତାଳତୁମ୍ବ ସ୍ଥିତ ପଶ୍ଚିମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିବନ୍ଧୁ ତ୍ରିପାଠୀଙ୍କୁ ସଭାପତିତ୍ୱ, ଗୋଷ୍ଠୀ ସହଶିକ୍ଷାଧିକାରୀ ପଦ୍ମ ଚରଣ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ନିରଞ୍ଜନ ମହାନ୍ତି, ପୂର୍ବତନ ପ୍ରଧାନ ଶିକ୍ଷକ ନଳିନୀ କାନ୍ତ ପଣ୍ଡା, ଚତୁର୍ଭୁଜ ସରକାରୀ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଦୁଃଖିଶ୍ୟାମ ନନ୍ଦ, ବୋଲଗଡ଼ ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ବସନ୍ତ କୁମାର ସାହୁ, ସହ ଗୋଷ୍ଠୀ ଶିକ୍ଷାଧିକାରୀ ସିଦ୍ଧେଶ୍ୱର ସାହୁ, ବୋଲଗଡ଼ ବ୍ଲକ୍ କ୍ରୀଡ଼ା କମିଟିର ଉପଦେଷ୍ଟା ଜୟରାମ ଦାଶ ଯୋଗଦେଇ ମତବ୍ୟକ୍ତ କରିଥିଲେ। ବୋଲଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ପ୍ରଫୁଲ୍ଲ ସିଂହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜିକା ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନମୋହନ ମିଶ୍ର ଧନ୍ୟବାଦ ଦେଇଥିଲେ।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର

**ବୋଲଗଡ଼, ୨।୭(ଡି.ଏନ୍.ଏ.)**

ବରିଷ୍ଠ ସାମ୍ବାଦିକ ତଥା ବଡ଼ ଖବରର ମୁଖ୍ୟ ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସଙ୍କୁ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଯେଉଁଭଳି ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରିଛି, ତାକୁ ନେଇ ବିଭିନ୍ନ ସାମ୍ବାଦିକ ସଂଘ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶନିବାର ଅର୍ଦ୍ଧେନ୍ଦୁଙ୍କ ଗିରଫଦାରି ପ୍ରତିବାଦରେ ବୋଲଗଡ ଅଞ୍ଚଳର ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମ ପ୍ରତିନିଧିମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏଥିସହ ଅର୍ଦ୍ଧେନ୍ଦୁଙ୍କୁ ତୁରନ୍ତ ଜେଲରୁ ଖଲାସ ପାଇଁ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଧୋବେଇ ନାୟକଙ୍କୁ ପ୍ରଦାନ କରିଥିଲେ। ବଡ଼ ଖବରର ବୋଲଗଡ଼ ପ୍ରତିନିଧି ତଥା ଫାସିଓଦା ପଞ୍ଚାୟତର ସମିତିସଭ୍ୟ ପ୍ରଦୀପ ପ୍ରଧାନ ଏହାର ନେତୃତ୍ୱ ନେଇଥିଲେ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବ୍ରଦର-୧୧ ଚାମ୍ପିୟନ



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

**ଜଟଣୀ, ୨।୭(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅଧୀନ ବେଣାପଞ୍ଜରୀ ପଞ୍ଚାୟତର ଦ୍ୱିତୀୟ ବେଣାପଞ୍ଜରୀ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବ୍ରଦର-୧୧ ଏବଂ ଥଣ୍ଡର ବୋଲ୍ଟ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବ୍ରଦର-୧୧ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୧୭ ରନ ସଂଗ୍ରହ କରିଥିଲା। ଜବାବରେ ଥଣ୍ଡର ବୋଲ୍ଟ ଟିମ୍ ସମସ୍ତ ଉଇକେଟ ବିନିମୟରେ ୮୯ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବ୍ରଦର-୧୧ପକ୍ଷରୁ ସରଫରାଜ ୪୦ ଏବଂ ସହାବାଜ ୨୧ରନ କରିଥିବା ବେଳେ ୪ଟି ଉଇକେଟ ନେଇ ରାଜୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏମ୍.ଡି ତଫିକ ଏବଂ ଇକବାଲ ଖାଁ ମ୍ୟାଚ୍ ପରିଚାଳନା କରିଥଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ବେଣାପଞ୍ଜରୀ ସରପଞ୍ଚଙ୍କ ପ୍ରତିନିଧି ସାହାଜାଫର ଅଲି, ବିଜେଡି ପଞ୍ଚାୟତ ସଭାପତି ଏମ୍‌ଡି କୌଶର, ନାୟବ ସରପଞ୍ଚ କୁନା ପ୍ରଧାନ, ସାମାଜିକ କର୍ମୀ ମନୋଜ ପାଲଟାସିଂହ, ଆର୍ତ୍ତବନ୍ଧୁ ଦାଶ, କୃପାସିନ୍ଧୁ ସୁନ୍ଦରାୟ, ୱାର୍ଡମେମ୍ବର ମହମ୍ମଦ କୌଶର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଓ ରନର୍ସଅପ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ।

# ପୃଥକ୍ ଚୋରି ମାମଲାରେ ୩ ଗିରଫ

**ଜଟଣୀ, ୨।୭(ଡି.ଏନ୍.ଏ.)**

**ଅଟୋ, ବାଇକ୍ ଜବତ**

ଜଟଣୀ ପୋଲିସ ପୃଥକ ୍ ଚୋରି ମାମଲାରେ ୩ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ବାବୁଜି ନାୟକ ଓରଫ ପପେଇ(୨୪), ଭବାନୀଶଙ୍କର ମହାପାତ୍ର ଓରଫ ବନା (୩୨), ରଶ୍ମିରଞ୍ଜନ ସାହୁ ଓରଫ ରଶ୍ମି (୩୫)। ସୂଚନା ମୁତାବକ, ଗତ ୩୦ ତାରିଖରେ ଜଟଣୀ ବ୍ଲକ ବଡ଼ତୋଟା ଗ୍ରାମସ୍ଥିତ ଚନ୍ଦନ ପୋଖରୀ ନିକଟରେ ଅଶୋକ ଭଞ୍ଜ ବାଇକ୍ ରଖି ସାମଗ୍ରୀ କିଣୁଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତାଙ୍କ ବାଇକ୍ ଚୋରି କରି ନେଇଯାଇଥିଲେ। ଭଞ୍ଜଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୨୪୫/୨୨)ରୁଜୁ ହୋଇଥିଲା। ଘଟଣାରେ ପୋଲିସ ଜଟଣୀ ପୌରାଞ୍ଚଳ ସୀତାରାମ ଛକ ଅଞ୍ଚଳରୁ ପପେଇ ଓ ବନାଙ୍କୁ ଧରିବା ସହ ସେମାନଙ୍କ ଠାରୁ ଚୋରି ବାଇକ୍ ଜବତ କରିଥିଲା। ଅଭିଯୁକ୍ତଦ୍ୱୟଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମାମଲା ରହିଥିବା ଜଣାପଡ଼ିଛି। ସେହିପରି ଗତ ଏପ୍ରିଲ ୨୫ ତାରିଖରେ ଅନୁଗୋଳ ଜିଲା କିଶୋରନଗର ଥାନା ଅଞ୍ଚଳର କପିଳେଶ୍ୱର ବିଶ୍ୱାଳଙ୍କ ଅଟୋକୁ ଜଟଣୀ ଥାନା ଅଧୀନ ବାଛରା ରୋଡ୍‌ଠାରୁ କେହି ଦୁର୍ବୃତ୍ତ ଚୋରି କରି ଗ୍ୟାରେଜରେ ବିକ୍ରି କରିଦେଇଥିଲେ। ଏନେଇ ବିଶ୍ୱାଳଙ୍କ ଅଭିଯୋଗକ୍ରମେ ଜଟଣୀ ଥାନାରେ ଏକ ମାମଲା (ନଂ.୧୫୮/୨୨) ରୁଜୁ ହୋଇଥିଲା। ପୋଲିସ ରଶ୍ମିରଞ୍ଜନଙ୍କୁ ଗିରଫ କରିବା ସହ ଚୋରି ଅଟୋକୁ ଜବତ କରିଛି।

# ୟୁଏଫ୍‌ସି କୋରାଙ୍ଗ ଚାମ୍ପିୟନ

**ବେଣାପଞ୍ଜରୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

**ଜଟଣୀ, ୨।୭(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅନ୍ତର୍ଗତ ବେଣାପଞ୍ଜରୀ ଗ୍ରାମରେ ଚାଲିଥିବା ବେଣାପଞ୍ଜରୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ-୨୦୨୨ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଇଲେଭେନ ଷ୍ଟାର କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ୟୁଏଫ୍‌ସି କୋରାଙ୍ଗ ଏବଂ ଥାନାପଲ୍ଲୀ ଏଫ୍‌ସି ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କୋରାଙ୍ଗ ଦଳ ୫ଟି ଗୋଲ ଦେଇ ଚାମ୍ପିୟନ ହୋଇଥିବା ବେଳେ ଥାନାପଲ୍ଲୀ ଦଳ ଗୋଟିଏ ଗୋଲ ଦେଇ ରନର୍ସଅପ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ଚାମ୍ପିୟନ ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହିତ ଅର୍ଥ ପ୍ରଦାନ କରିଥିଲେ। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ଅତିଥି ଭାବେ ବିଧାୟକ ସନ୍ତୋଷସିଂ ସାଲୁଜା, ରମେଶ ଜେନା, ଅଧୀରାଜ ମୋହନ ପାଣିଗ୍ରାହୀ, ଦାଶରଥି ଗମାଙ୍ଗ, ରାଜୁନ ଏକ୍କା, ପିସିସି ଉପସଭାପତି ଶୁଭେନ୍ଦୁ ମହାନ୍ତି, ଛାତ୍ର କଂଗ୍ରେସ ସଭାପତି ୟାସିର ନବାଜ, ନିରୂପମା ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜଟଣୀ ନଗର କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଜଟଣୀ ମହାବିଦ୍ୟାଳୟ ଛକଠାରେ ଅତିଥିଙ୍କୁ ସ୍ୱାଗତ କରାଯିବା ସହିତ ବାଇକ୍ ଶୋଭାଯାତ୍ରାରେ ଖେଳପଡ଼ିଆକୁ ପାଛୋଟି ନିଆଯାଇଥିଲା। ଜଟଣୀ ନଗର ଏବଂ ବ୍ଲକ କଂଗ୍ରେସର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ମନୋରଞ୍ଜନ ଖୁଣ୍ଟିଆ ରେଫରି ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ସଞ୍ଜୟ ନାୟକ ଏବଂ ରବିନାରାୟଣ ରଣା ଲାଇନରେ ସହଯୋଗ କରିଥିଲେ। ପ୍ରଶାନ୍ତ ବଲିୟାରସିଂ ଏବଂ ରାଜୁ ବାବୁ ପରିଚାଳନା କରିଥିବା ବେଳେ ଇଲେଭେନ ଷ୍ଟାର କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।



ଟ୍ରଫି ସହ ଖେଳାଳି ଓ ଅନ୍ୟମାନେ।

# ମହାପ୍ରଭୁଙ୍କ ଆଡ଼ପ ଦର୍ଶନରେ ଶ୍ରଦ୍ଧାଳୁ ଭାବବିହ୍ୱଳ

**ଖୋର୍ଦ୍ଧା ଅଫିସ, ୨।୭**

ଖୋର୍ଦ୍ଧା ଜାଗୁଲିପାଟଣା ସ୍ଥିତ ଶ୍ରୀ ଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣବିଗ୍ରହ) ଏବଂ ମହାପ୍ରଭୁଙ୍କ ଅନ୍ୟତମ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧାସ୍ଥିତ ଶ୍ରୀଜଗନ୍ନାଥ ଶୁକ୍ରବାର ରଥାରୂଢ଼ ହୋଇ ଭକ୍ତଙ୍କ ଗହଣରେ ଯଥାକ୍ରମେ ଜାଗେଶ୍ୱର ଠାକୁରାଣୀ ପରିସର ଗୁଣ୍ଡିଚା ମଣ୍ଡପ ଓ ଗଡ଼ ନିକଟ ଅସ୍ଥାୟୀ ଗୁଣ୍ଡିଚା ମଣ୍ଡପରେ ବିଜେ କରିଛନ୍ତି। ଶନିବାରଠାରୁ ମହାପ୍ରଭୁଙ୍କ ଆଡ଼ପ ଦର୍ଶନ ଆରମ୍ଭ ହୋଇଛି। ଭୋର ୫ଟାରେ ଦ୍ୱାରଫିଟା, ସାଢ଼େ ୫ଟାରେ ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି କରାଯାଇ ବାଳଭୋଗ ଲାଗି ହୋଇଥିଲା। ପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ସକାଳ ୮ରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଦର୍ଶନ ଜାରି ରହିଥିଲା। ଅପରାହ୍ନ ୧ଟାରେ ଆଡ଼ପ ଭୋଗ ଲାଗି ପରେ ଠାକୁରଙ୍କ କିଛି ସମୟ ଦିବା ପହଡ଼ ପରେ ପୁଣି ଦର୍ଶନ ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତି ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟାରେ ଆଡ଼ପ ମଣ୍ଡପ ଆଗରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସମାରୋହ ଆୟୋଜିତ ହୋଇଥିଲା। ସେହିପରି ଗଡ଼ଖୋର୍ଦ୍ଧାରେ ଚଳିତବର୍ଷ ପ୍ରଥମଥର ଲାଗି ରଥଯାତ୍ରା ଆୟୋଜନ କରାଯାଇଛି। ଗଡ଼ଖୋର୍ଦ୍ଧା ଭକ୍ତିମୟ ହୋଇଉଠିଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ମହଲରେ ଆନନ୍ଦର ଲହରି ଖେଳିଯାଇଛି। ଆଡ଼ପ ଦର୍ଶନ ଲାଗି ପିଲା ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ରହିଛି ଉତ୍ସାହ। ସକାଳ ମଙ୍ଗଳ ଆଳତି ଏବଂ ସନ୍ଧ୍ୟାଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଆଡ଼ପ ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏକ ଭକ୍ତିମୟ ପରିବେଶ ମଧ୍ୟରେ ଭକ୍ତ ଏବଂ ଭଗବାନ ଏକାକାର ହୋଇଯାଇଛନ୍ତି। ଗବେଷକ ଗୋପାଳକୃଷ୍ଣ ଦାସ କୁହନ୍ତି, ମାଦଳା ପାଞ୍ଜି ଅନୁଯାୟୀ ମୋଗଲ ଆକ୍ରମଣ ସମୟରେ ପ୍ରଥମ ରାମଚନ୍ଦ୍ର ଦେବ ଖ୍ରୀ.୧୫୭୫ରେ ଏଠାରେ ଶ୍ରୀଜଗନ୍ନାଥଙ୍କ ପ୍ରଥମ ନବକଳେବର କରାଇ ୮ବର୍ଷ ଶୂନ୍ୟ ଥିବା ଶ୍ରୀମନ୍ଦିର ରତ୍ନସିଂହାସନ ପୁନଃ ସଂସ୍ଥାପନ କରାଇଥିଲେ। ଖ୍ରୀ.୧୬୦୭ ଓ ୧୭୩୩ରେ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ର ଛାଡି ଏଠାରେ ଅବସ୍ଥାନ କରିଥିଲେ। ୨୦୧୪ ଜୁନ୍ ୨୬ ତାରିଖ ରଥଯାତ୍ରା ଦିନ ମୁକ୍ତିମଣ୍ଡପ ପଣ୍ଡିତଙ୍କ ଦ୍ୱାରା ଚତୁର୍ଦ୍ଧା ବିଗ୍ରହ ସ୍ଥାପନ କରାଯାଇଥିଲା। ଚଳିତ ବର୍ଷ ପ୍ରଥମଥର ଲାଗି ରଥ ଆୟୋଜନ କରାଯାଇଛି। ଲୋକଙ୍କ ମଧ୍ୟରେ ଉତ୍ସାହ ଭରିଯାଇଛି।



ଆଡ଼ପ ମଣ୍ଡପରେ ଶ୍ରୀଜୀଉ।


ପୁରୀ: ଶ୍ରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରହିଥିବା ୩ ରଥରେ ବିରାଜମାନ ଥିବା ଠାକୁରଙ୍କୁ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ।


ମଦନମୋହନଙ୍କୁ ପହଣ୍ଡି ବିଜେ କରାଇ ଆଡ଼ପ ମଣ୍ଡପକୁ ନିଆଯାଉଛି ।


ସେବାୟତମାନେ ରାମକୃଷ୍ଣଙ୍କୁ ପହଣ୍ଡି ବିଜେ କରୁଛନ୍ତି ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୭।୨୦୨୨

| | |
|---|---|
| ୨,୯୮,୮୯୫ ଟଙ୍କା | |
| ସୁନା | ୧.୫୩୦ ଗ୍ରାମ |
| ରୁପା | ୫ ଗ୍ରାମ |

# ଟ୍ରାଫିକ ଜାମ୍‌ରେ ଫସିଲେ କର୍ଣାଟକ ବିଚାରପତି

ଗୋପ,୨।୭(ଡି.ଏନ୍.ଏ.)

କର୍ଣାଟକର ବିଚାରପତି ଏସ.ଏନ୍. ସତ୍ୟନାରାୟଣ ଶନିବାର ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟ ମନ୍ଦିର ବୁଲି ଫେରିବା ସମୟରେ ଟ୍ରାଫିକ ଜାମ୍ ଯୋଗୁ କୋଣାର୍କ-ନିମାପଡ଼ା ରାସ୍ତାର ଗୋପ ସବ୍-ରେଜିଷ୍ଟ୍ରାର ଅଫିସ ନିକଟ ରାସ୍ତାରେ ପ୍ରାୟ ୧୩ ମିନିଟ ଧରି ଫସି ରହିଥିଲେ। ରାସ୍ତା ସଙ୍କୁଚିତ ସାଙ୍ଗକୁ ବେଆଇନ ଜବରଦଖଲ ଯୋଗୁ ଏପରି ଅବସ୍ଥା ପ୍ରାୟ ସମୟ ଦେଖିବାକୁ ମିଳିଛି। ପ୍ରକାଶ ଯେ, କୋଣାର୍କର ସୂର୍ଯ୍ୟ ମନ୍ଦିର ସହିତ ପୁରୀର ଜଗନ୍ନାଥଙ୍କୁ ଦର୍ଶନ ନିମନ୍ତେ ଦୈନନ୍ଦିନ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକ ବୁଲି ଯାଇଥାନ୍ତି। କିନ୍ତୁ ଗୋପ ବଜାରର ଏହି ସ୍ଥାନରେ ଅଧିକାଂଶ ସମୟ ରାସ୍ତା ଜାମ ହୋଇଥାଏ। ପ୍ରତ୍ୟେକ ଦିନ ଏପରି ସମସ୍ୟା ଯୋଗୁ ବେଳେବେଳେ ରାଜ୍ୟ ଓ ରାଜ୍ୟ ବାହାରର ଭିଭିଆଇପିଙ୍କଠାରୁ ଆରମ୍ଭ କରି ଶହ ଶହ ପର୍ଯ୍ୟଟକ ଘଣ୍ଟା ଘଣ୍ଟା ଧରି ଅଟକି ରହିଥିବା ଦେଖିବାକୁ


ଗୋପ ଅଞ୍ଚଳର ଏକ ରାସ୍ତାରେ ଟ୍ରାଫିକ ଜାମ୍ ଯୋଗୁ କର୍ଣାଟକ ମୁଖ୍ୟ ବିଚାରପତି ଫସି ରହିଛନ୍ତି ।

ମିଳେ। ଗୋପ ପୋଲିସ କେତେକ ସ୍ଥାନରେ କେବଳ ଗୃହରକ୍ଷୀଙ୍କୁ ଡିୟୁଟିରେ ଲଗାଇ କାମ ସାରି ଦେଉଛି। ଏବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଚାଲିଥିବା ଯୋଗୁ ଜିଲା ପୋଲିସ ପକ୍ଷରୁ ପ୍ରତ୍ୟେକ ସ୍ଥାନରେ ଡିୟୁଟି ଲଗାଯାଉଥିବା କୁହାଯାଉଥିବା ବେଳେ କର୍ଣାଟକ ହାଇକୋର୍ଟର ବିଚାରପତି ଏସ୍.ଏନ୍. ସତ୍ୟନାରାୟଣ ଟ୍ରାଫିକ ଜାମ୍ ସମୟରେ କୌଣସି ପୋଲିସ ଉପସ୍ଥିତ ନ ଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷେ ଭିଭିଆଇପିଙ୍କୁ ଗୋଟିଏ ପୋଲିସ ଗାଡ଼ି ସୁରକ୍ଷା ଦେଇ ନେଉଥିଲେ ମଧ ଜାମ ଯୋଗୁ ପୋଲିସ ଅଧିକାରୀ ନୀରବତା ଅବଲମ୍ବନ କରି ବସିଥିବା ଦେଖିବାକୁ ମିଳିଥିଲା। ଗୋପ ଦେବୀ ବଜାର ଆରମ୍ଭରୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ଅଧିକାଂଶ ସମୟ ଏପରି ଅବସ୍ଥା ଉପୁଜିଥିବା ବେଳେ ପୋଲିସ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ବୋଲି ସାଧାରଣରେ ଦାବି ହେଉଛି।

# ରଥଯାତ୍ରାରେ ଚୋରି କରି ୧୪ ଗିରଫ

ପୁରୀ ଅଫିସ,୨।୭

ରଥଯାତ୍ରା ସମୟରେ ଭକ୍ତମାନଙ୍କଠାରୁ ଚୋରି, ପକେଟ୍‌ମାର ଏବଂ ଛିନ୍‌ତାଇ କରିବା ଅଭିଯୋଗରେ ପୁରୀ ପୋଲିସ ୧୦ରୁ ଅଧିକ ଅପରାଧୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗୁଣ୍ଡିଚା ଯାତ୍ରା ସମୟରେ ଗହଳିର ସୁଯୋଗ ନେଇ ଭକ୍ତମାନଙ୍କଠାରୁ ବିଭିନ୍ନ ସାମଗ୍ରୀ ଚୋରି କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ୭ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମରୀଚିକୋର୍ଟ ଛକ ନିକଟର ଆକୁର ବାରିକ, ଗଞ୍ଜାମ ଜିଲା ପୁରୁଷୋତ୍ତମ ଥାନା ଅଞ୍ଚଳର ପ୍ରଫୁଲ୍ଲ ନାୟକ, କୁମ୍ଭାରପଡା ଥାନା ଅନ୍ତର୍ଗତ ଦେବୀଘାଟ ଅଞ୍ଚଳର ପ୍ରଶାନ୍ତ ବେହେରା, ପଶ୍ଚିମବଙ୍ଗ ଅଞ୍ଚଳର ଭାଗୀରଥି ସିଂ ଓ ରାଜ କୁମାର ସିଂ, ଆନ୍ଧ୍ର ପ୍ରଦେଶ ଅଞ୍ଚଳର ନାଗ ଲକ୍ଷଣ ଏବଂ କାଟକ ଜଗତପୁର ଥାନା ଅଞ୍ଚଳର ସୁରେନ୍ଦ୍ର କୁମାର ଦାସ। ପୋଲିସ ଏ ନେଇ ନଂ. ୨୧୯/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ସେମାନଙ୍କଠାରୁ ୭ଟି ମୋବାଇଲ ଫୋନ ଜବତ କରିଛି। ସେହିପରି କୁମ୍ଭାରପଡା ଥାନା ପୋଲିସ ମଧ ୭ଜଣ ଅଭିଯୁକ୍ତଙ୍କୁ ଚୋରି କରିବା ଅଭିଯୋଗରେ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ଅଞ୍ଚଳର ବିଜୟ ସିଂ, ବଲବନ୍ତ ସିଂ, ସୁରଜ ସିଂ, ଆକାଶ ସିଂ, ଅଜୟ ସିଂ ଏବଂ ଘନା ସିଂ। ସମସ୍ତ ଅଭିଯୁକ୍ତ ପଶ୍ଚିମବଙ୍ଗର ଅଟନ୍ତି। ପୋଲିସ ଏ ନେଇ ନଂ. ୧୮୧/୨୨ ରେ ଏକ ମାମଲା ରୁଜୁ କରିଛି।

# ମଧ୍ୟାହ୍ନଭୋଜନ ନ ଖାଇ ଫେରିଲେ ଛାତ୍ରୀଛାତ୍ର

କଣାସ,୨।୭(ଡି.ଏନ୍.ଏ.):

କଣାସ ବ୍ଲକ ଅନ୍ତର୍ଗତ ସମସ୍ତ ସରକାରୀ ବିଦ୍ୟାଳୟରେ ପିଲାଙ୍କୁ ଶନିବାର ମଧ୍ୟାହ୍ନ ଭୋଜନ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ସରକାରୀ ବିଦ୍ୟାଳୟଗୁଡିକରେ ସରକାର ଛାତ୍ରୀଛାତ୍ରଙ୍କ ପାଇଁ ମାଗଣାରେ ପୁସ୍ତକ, ମଧ୍ୟାହ୍ନ ଭୋଜନ, ପୋଷାକ, ଖେଳ ଉପକରଣ ଯୋଗାଇଦେଇ ଆସୁଛନ୍ତି। ତେବେ ସେଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ସୂଚନା ମୁତାବକ, ଶନିବାର ସକାଳୁଆ ସ୍କୁଲ ହୋଇଥିବାରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ସକାଳ ୬.୩୦ମିନିଟ୍‌ରେ ବିଦ୍ୟାଳୟ ଆସିଥିଲେ। ପରେ ବିଦ୍ୟାଳୟ ୧୧ଟାରେ ଛୁଟି ହୋଇଥିଲା। ଛାତ୍ରୀଛାତ୍ରଙ୍କ ଲାଗି ମଧ୍ୟାହ୍ନ ଭୋଜନ ନ ଥିବାରୁ ସେମାନେ ଭୋକ ଉପାସରେ ଘରକୁ ଫେରିଥିବା ଘରେ ଜଣାଇଥିଲେ। ତେବେ ଏନେଇ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କଣାସ ବ୍ଲକ ଶିକ୍ଷା ଅଧିକାରୀ ମୀନକେତନ ସାମନ୍ତରାୟଙ୍କୁ ପଚାରିବାରୁ ଆଜି ଖାଦ୍ୟ ଯୋଗାଉଥିବା ପୁରୀ ଅକ୍ଷୟ ପାତ୍ର ଫାଉଣ୍ଡେଶନ୍ ଖାଦ୍ୟ ଦେଇନାହିଁ। ହେଲେ ଏନେଇ କୌଣସି ସଠିକ୍ ତଥ୍ୟ ଦେଇପାରିବେନି ବୋଲି ସେ କହିଥିଲେ।

## ସଂକ୍ଷେପରେ

### ବାଟି ମାଗି ଯୁବକ ଗିରଫ

ପୁରୀ ଅଫିସ,୨।୭- ଦାଦାବଟି ଆଦାୟ କରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବିଜୟ ନଗର ଶିବ ଶକ୍ତି ସାହିର ଶୁଭାଶିଷ ତ୍ରିପାଠୀ (୩୧)। ପୋଲିସ ଅଭିଯୁକ୍ତଙ୍କଠାରୁ ୨୦୦ ଟଙ୍କା ଓ ଗୋଟିଏ ଛୁରି ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ ଅଭିଯୁକ୍ତ ଜଣକ ଗୁରୁଦ୍ୱାର ପାର୍କ ନିକଟରେ ପର୍ଯ୍ୟଟକ ଗାଡିକୁ ଅଟକାଇ ବଟି ଆଦାୟ କରୁଥିଲେ। ଖବରପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣି ପଚାରିବାରେ ସ୍ୱୀକାର କରିଥିଲେ।

### ବନ୍ଧୁ ସବୁବେଳେ ପରିବାରର ଜଣେ ସଦସ୍ୟ

ଗୋପ,୨।୭(ଡି.ଏନ୍.ଏ.): ବନ୍ଧୁ ଏପରି ଏକ ଶବ୍ଦ ଯାହା ସମସ୍ତଙ୍କ ପାଇଁ ସବୁ ସମୟରେ ପରାମର୍ଶର ବାଟ ଦେଖାଇଥାଏ। ବିପଦ ସମୟରେ ଯେଉଁ ବନ୍ଧୁ ଆମ ନିକଟରେ ରହିଥାଏ, ସେ ହେଉଛି ପ୍ରକୃତ ବନ୍ଧୁ। ଗୁରୁବାର ମଧ୍ୟାହ୍ନରେ ଗୋପ ବ୍ଲକ ଅନ୍ତର୍ଗତ ଗଣେଶ୍ୱରପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଗନ ବିହାରୀ ନାୟକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହା କହିଛନ୍ତି। ଗଣେଶ୍ୱରପୁର ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ସ୍ୱାଇଁ, ଗୋପ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଲ ବ୍ରହ୍ମା, ପିପିଲି ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ବନ୍ଧୁ ସବୁବେଳେ ନିଜ ପରିବାରର ଜଣେ ସଦସ୍ୟ ହୋଇଥାଏ ବୋଲି ମନ୍ତ୍ରୀ କହିଥିଲେ।କାର୍ଯ୍ୟକ୍ରମକୁ ଶିକ୍ଷକ ଶ୍ରୀକାନ୍ତ ନାୟକ, ଜୟନ୍ତୀ ଭୋଇ, ନୀଳିମା ରାୟ, ଆଶିଷ ପୃଷ୍ଟି, ସଂଗ୍ରାମ କେଶରୀ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡିର ମିଶ୍ରଣ ପର୍ବ

ଗୋପ,୨।୭(ଡି.ଏନ୍.ଏ.): ଗୋପ ବ୍ଲକ ନୂଆଖୋଲମରା ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବହୁ ଭାଜପା କର୍ମୀ ବିଜେଡିରେ ଯୋଗଦେଇଥିଲେ। ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଅନ୍ୟ ଦଳର କର୍ମୀ ବିଜେଡିରେ ସାମିଲ ହେଉଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ସରପଞ୍ଚ ଉପେନ୍ଦ୍ର କାନୁନ୍‌ଗୋଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି ଉପସ୍ଥିତ ଥିଲେ।

# ବଚସାରୁ ଯୁବକଙ୍କୁ ଗୋଡ଼ାଇ ହାଣିଲେ

ଖୋର୍ଦ୍ଧା ଅଫିସ,୨।୭

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ଚତରାଶଙ୍ଖ ନିକଟରେ ଶନିବାର ଅପରାହ୍ନରେ ସାମାନ୍ୟ ବଚସାରୁ ଦୁଇ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ଜଣେ ଅନ୍ୟ ଜଣେ ଯୁବକଙ୍କୁ କଟୁରିରେ ଗୋଡ଼ାଇ ହାଣିଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ସେ ହେଲେ ରାସନ ତନ୍ତି। ଘର ଗୁରୁଜଙ୍ଗ ଅଞ୍ଚଳର ବୋଲି କୁହାଯାଉଛି। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଆକ୍ରମଣକାରୀ ସନ୍ତୋଷ ବାରିକ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ତେବେ ସନ୍ତୋଷ

**ଆକ୍ରମଣକାରୀଙ୍କ ଫଟୋ ସିସିଟିଭିରେ କଏଦ**

ଆକ୍ରମଣ ପରେ କଟୁରି ଧରି ଚାଲି ଚାଲି ଯାଉଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଶନିବାର ଅପରାହ୍ନରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପ୍ରଥମେ ବଚସା ପରେ ହାତାହାତି ହୋଇଥିଲେ। ସନ୍ତୋଷ ଏକ ଠେଙ୍ଗାରେ ରାସନଙ୍କୁ ଆକ୍ରମଣ କରିଥିଲେ। ରାସନ ଧରିଥିବା କଟୁରିରେ ସନ୍ତୋଷଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସନ୍ତୋଷ ସାମାନ୍ୟ ଆହତ ହୋଇଥିଲେ। ସନ୍ତୋଷ ଉତ୍‌କ୍ଷିପ୍ତ ହୋଇ କଟୁରି ଛଡାଇ ନେଇ ପ୍ରଥମେ ରାସନର ମୁଣ୍ଡକୁ ଚୋଟ ମାରିଥିଲେ। ସେଠାରୁ ସେ ଖସିଯିବାକୁ ଉଦ୍ୟମ ବେଳେ ଗୋଡ଼ାଇ ହାଣିଥିଲେ। ତଳେ ପଡିଯିବା ପରେ ହାତ, ଗୋଡ, ପିଠିକୁ ହାଣି ସେଠାରୁ ସନ୍ତୋଷ ଫେରାର ହୋଇଯାଇଥିଲେ। ରାସ୍ତାକଡରେ ଆହତ ଅବସ୍ଥାରେ ଜଣେ ଯୁବକ ପଡିଥିବା ଖବରପାଇ ଟାଉନ ପୋଲିସ ପହଞ୍ଚି ରାସନଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀଙ୍କ ବ୍ରାଉନସୁଗାର କାରବାର ସହିତ ସମ୍ପୃକ୍ତି ରହିଥିବା ଏବଂ ତାଙ୍କର ଜଣେ ସମ୍ପର୍କୀୟ ଟାଉନ ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟ କରୁଥିବା ଚର୍ଚ୍ଚା ହେଉଛି।

# ଗ୍ରୀଲ୍ ତାଲା ଭାଙ୍ଗି ୩ ଲକ୍ଷ ଟଙ୍କା, ସୁନା ଅଳଙ୍କାର ଚୋରି

ବାଣପୁର,୨।୭(ଡି.ଏନ୍.ଏ.)

ବାଣପୁର ଥାନା ଅଧୀନ ୧୩ ନମ୍ବର ୱାର୍ଡର ଟିଆଁଙ୍କସାହିର ଅଜୟ କୁମାର ପଣ୍ଡାଙ୍କ ଘର ଗ୍ରୀଲ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୩ ଲକ୍ଷ ଟଙ୍କା ସହ ସୁନା ଅଳଙ୍କାର ଚୋରି କରିନେଇଥିବା ଶନିବାର ଅଭିଯୋଗ ହୋଇଛି। ତେବେ ଦୁର୍ବୃତ୍ତମାନେ ଛାଡ଼ିଯାଇଥିବା ଏକ ଖଣ୍ଡା ପୋଲିସ ଜବତ କରିବା ସହ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଶୁକ୍ରବାର ଅଜୟଙ୍କ ସାନପୁଅର ବ୍ରତୋପନୟନ ଉତ୍ସବ ହୋଇଥିଲା। ସମ୍ପର୍କୀୟମାନେ ଉପହାର ଦେଇଥିବା ସୁନାଅଳଙ୍କାର ଓ ଟଙ୍କା ଏକ ରୁମରେ ରଖିବା ସହ ତାଲା ପକାଇ ପରିବାର ଲୋକେ ଶୋଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଘର ବାରିପଟ ଗ୍ରୀଲ ତାଲା ଭାଙ୍ଗିବା ସହ ଉକ୍ତ ରୁମ୍‌ର ତାଲା ଭାଙ୍ଗି ୧୨ଟି ସୁନାମୁଦି, ୩ ଲକ୍ଷ ଟଙ୍କା ଓ ମୋବାଇଲ ଫୋନ ଚୋରି କରି ନେଇଯାଇଥିଲେ।

# ସଂକଳ୍ପ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ସେବା ଶିବିର

ପୁରୀ ଅଫିସ,୨।୭

ରଥଯାତ୍ରାରେ ସଂକଳ୍ପ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଶିବିର, ଜଳ ସେବା, ମାସ୍କ ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳାଘାଟ ବ୍ରିଜ ନିକଟରେ କରାଯାଉଛି। ଦୁଇ ବର୍ଷ ପରେ ରଥଯାତ୍ରା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁ ପୁରୀକୁ ଆସୁଛନ୍ତି। ଶ୍ରଦ୍ଧାଳୁଙ୍କ ସେବା, ସୁରକ୍ଷା ଲାଗି ଅନୁଷ୍ଠାନ ସଂକଳ୍ପ ସେବା ମନୋବୃତ୍ତି ନେଇ ସ୍ୱାସ୍ଥ୍ୟ, ଜଳ,ମାସ୍କ ବଣ୍ଟନ କରୁଛନ୍ତି। କାର୍ଯ୍ୟକ୍ରମରେ ସହଯୋଗ ପାଇଁ ଆୟୁଷ ମନ୍ତ୍ରଣାଳୟ, ବାହିନୀପତି ମେଡିକାଲ, ଅବସରପ୍ରାପ୍ତ ସରକାରୀ ନର୍ସ ବିଦ୍ୟୁତ୍‌ଲତା ମିଶ୍ର, ପ୍ରତିଭା ରାୟ, ଡା. ସୁରେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସ୍ଥାନୀୟ ଡ. ହିତବ୍ରତ ବାହିନୀପତି ପ୍ରଦୀପ ପ୍ରଜ୍ୱଳନ କରିକାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ୨୦୦୦ ମାସ୍କ, ୫୦୦ରୁ ଊର୍ଦ୍ଧ୍ୱ ଜନତାଙ୍କୁ ସ୍ୱାସ୍ଥ୍ୟ ସେବା ସହ ଜଳ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସଭାପତି ସୁଚରିତା ପାଢ଼ୀ, ମନୋରଞ୍ଜନ ଜେନା, ସନ୍ତୋଷ ବେହେରା, ହରିହର ବେହେରା, ପୁଷ୍ପା ମଞ୍ଜରୀ ପାତ୍ର, ପ୍ରିୟଦର୍ଶିନୀ ମହାପାତ୍ର, ରାଜେନ୍ଦ୍ର ସ୍ୱାଇଁ, ନୀହାରିକା ପାଣି, ଚନ୍ଦ୍ର ଜେନା, ବିଦ୍ୟୁତ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୪ରେ ୩ ମନ୍ଦିରର ପ୍ରତିଷ୍ଠା ଉତ୍ସବ

କଣାସ,୨।୭(ଡି.ଏନ୍.ଏ.):

କଣାସ ବ୍ଲକ ବକୁ ପଞ୍ଚାୟତର ବକୁ ଗ୍ରାମରେ ନବନିର୍ମିତ ଶ୍ରୀରାମ ମନ୍ଦିର, ମହାବୀର ମନ୍ଦିର ଓ ରାମେଶ୍ୱର ଦେବଙ୍କ ମନ୍ଦିର ପ୍ରତିଷ୍ଠା ଦିବସ ଆସନ୍ତା ୪ତାରିଖରେ ହେବ। ଏହି ଅବସରରେ ୩ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ, ଧର୍ମ ସଭା, ଘୃତ ମହାଯଜ୍ଞ ଓ ଅନ୍ନ ମହାଯଜ୍ଞ ଅନୁଷ୍ଠିତ ହେବ। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପୁରୀ ଗୋବର୍ଦ୍ଧନ ପିଠାଧିଶ୍ୱର ଜଗଦ୍‌ଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଯୋଗଦେବା ସହିତ ସାଧୁ, ସନ୍ଥ ଯୋଗଦେବେ। ମହାଯଜ୍ଞରେ ସ୍ଥାନୀୟ ସାମାଜିକ କର୍ମୀଙ୍କୁ ଯୋଗଦେବା ପାଇଁ ପୂଜ୍ୟପୂଜା ସଂସଦର ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ଜଗଦେବ ଅନୁରୋଧ କରିଛନ୍ତି।

# ସମସ୍ୟା ପ୍ରତି ଶିକ୍ଷାମନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି

ଅସ୍ତରଙ୍ଗ,୨।୭(ଡି.ଏନ୍.ଏ.)

ସରକାରୀ ବିଦ୍ୟାଳୟଗୁଡ଼ିକୁ କମ୍ପୋଜିଟ ଗ୍ରାଣ୍ଟ ମିଳୁଥିବା ବେଳେ ଅନୁଦାନପ୍ରାପ୍ତ ଓ ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସେଥିରୁ ବଞ୍ଚିତ କରାଯାଇଛି। ତେଣୁ ଏହି ସମସ୍ୟାକୁ ଗଣଶିକ୍ଷା ମନ୍ତ୍ରୀ ଦୃଷ୍ଟି ଦିଅନ୍ତୁ ବୋଲି ପୁରୀ ଜିଲା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ (ଓଲୋଷ୍ଟା) ପକ୍ଷରୁ ଦାବି ହୋଇଛି। ପୂର୍ବରୁ ଅନୁଦାନ ପ୍ରାପ୍ତ ବିଦ୍ୟାଳୟକୁ (୭୦୦୦) (S। G) ଗ୍ରାଣ୍ଟ ମିଳୁଥିଲା। ଉକ୍ତ ଅର୍ଥ ରାଶି ବିଦ୍ୟାଳୟର ଉନ୍ନତିକରଣରେ ବିନିଯୋଗ କରାଯାଉଥିଲା। ମାତ୍ର ଏବେ କୌଣସି ଅନୁଦାନ ପ୍ରାପ୍ତ ଉ:ପ୍ରା ବିଦ୍ୟାଳୟଗୁଡ଼ିକ ପାଉ ନ ଥିବାରୁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତିକି ଚକ୍, ଆଦି ପାଠ୍ୟ ଉପକରଣ ଓ ବିଦ୍ୟାଳୟ ମରାମତି ଆଦି ଶିକ୍ଷକଙ୍କ ଦରମାରୁ କରିବାକୁ ପଡୁଥିବା ସଂଘ ପ୍ରକାଶ କରିଛି। ଶିକ୍ଷାର ଉନ୍ନତିକରଣ ନିମନ୍ତେ ସରକାର ପଦକ୍ଷେପ ନେଲାବେଳେ ଏ ପ୍ରକାର ପାତରଅନ୍ତର ନୀତିକୁ ପରିବର୍ତ୍ତନ କରି ଏହି ଶ୍ରେଣୀର ବିଦ୍ୟାଳୟକୁ କମ୍ପୋଜିଟ ଗ୍ରାଣ୍ଟ ଯୋଗାଇ ଦେବାକୁ ପୁରୀ ଓଲୋଷ୍ଟାର ସଭାପତି ପ୍ରଦୀପ କୁମାର ପ୍ରଧାନ ଓ ସମ୍ପାଦକ ସଦାଶିବ ସାହୁ ଗଣ ଶିକ୍ଷାମନ୍ତ୍ରୀ ଓ ଶିକ୍ଷା ସଚିବଙ୍କ ନିକଟରେ ଦାବି କରିଛନ୍ତି।

# ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ

ନିମାପଡ଼ା,୨।୭(ଡି.ଏନ୍.ଏ.):

ପୁରୀ ବନଖଣ୍ଡ ଓ ଗୋପ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ୭୩ତମ ବନ ମହୋତ୍ସବ ଶନିବାର ଅଗ୍ନିଶମ ସେବାସଂସ୍ଥା ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋପ ବନଖଣ୍ଡ ଅଧିକାରୀ ରମେଶ ଚନ୍ଦ୍ର ଜାନୀ, ନିମାପଡ଼ା ଫରେଷ୍ଟର ପ୍ରଦୀପ୍ତ ପାଣିଗ୍ରାହୀ, ଅବିନାଶ ଖୁଣ୍ଟିଆ, ନିମାପଡ଼ା ଅଗ୍ନିଶମ ସେବା ସଂସ୍ଥାନ ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇ ବନ ମହୋତ୍ସବର ତାତ୍ପର୍ଯ୍ୟ, ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ପରିବେଶ ସୁରକ୍ଷା ପାଇଁ ଚାରା ରୋପଣ କରାଯିବା ଅତ୍ୟନ୍ତ ଅପରିହାର୍ଯ୍ୟ, ସବୁଜ ବିପ୍ଳବର ସୃଷ୍ଟି, ସବୁଜ ଓଡ଼ିଶା ଗଠନ, ଗ୍ରାମ୍ୟ ଜଙ୍ଗଲ ଏବଂ ସବୁଜ ବନାନୀ ସୃଷ୍ଟି କରାଯିବା ସମ୍ପର୍କରେ ଅତିଥି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବନ ବିଭାଗ କର୍ମଚାରୀ ଓ ଅଗ୍ନିଶମ ସେବା ସଂସ୍ଥାନ କର୍ମଚାରୀମାନେ ଚାରାରୋପଣ କରିଥିଲେ। ରବିବାର ବନ ମହୋତ୍ସବ କାର୍ଯ୍ୟକ୍ରମ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ହେବ ବୋଲି ବନ ବିଭାଗ ଅଧିକାରୀମାନେ ସୂଚନା ଦେଇଛନ୍ତି।


ବନ ମହୋତ୍ସବ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶନିବାର ପୁରୀ ରାଜଭବନରେ ଚାରା ରୋପଣ କରୁଛନ୍ତି ।

# ଛାତ୍ରୀଛାତ୍ରଙ୍କୁ ଚାରା ବାଣ୍ଟି ବନ ଉତ୍ସବ ପାଳନ

କୋଣାର୍କ,୨।୭(ଡି.ଏନ୍.ଏ.)

କୋଣାର୍କ ନିକଟସ୍ଥ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପରିସରରେ ୭୩ତମ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ବନ ବିଭାଗ, କୋଣାର୍କ ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ଜାତୀୟ ସବୁଜ ବାହିନୀ, ଏନ୍‌ସିସି, ଭାରତ ସ୍କାଉଟ ଓ ଗାଇଡ୍ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ତଥା ସିଆରସିସି ରବୀନ୍ଦ୍ର ବାହିନୀପତି ଯୋଗଦେଇ ବୃକ୍ଷ ପୂଜନ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସଭାପତି ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବନ ବିଭାଗର ଅଧିକାରୀ ରବୀନ୍ଦ୍ର ସ୍ୱାଇଁ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଲେଙ୍କା, ଦିଲୀପ ନାୟକ, ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଉଦ୍‌ବୋଧନ ଦେଇ ବ୍ୟାପକ ଚାରାରୋପଣ ପାଇଁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟ ପରିସରରେ ବୃକ୍ଷ ପୂଜନ କରାଯାଇ ଚାରାରୋପଣ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ବୃକ୍ଷ ଚାରାବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ରବୀନ୍ଦ୍ର ଦ୍ୱିବେଦୀ, ମାନସ ମୁଦୁଲି, କେ ବାସନ୍ତୀ, ନିହାରିକା ମହାନ୍ତି, ଚିତ୍ରାଞ୍ଜଳି ନାୟକ, ଅଭୟ ନାୟକ, କାହ୍ନୁଚରଣ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

## ପ୍ରେମ ପାଇଁ ହାତ କାଟି ଯୁବକ ଗିରଫ

ସାଲେପୁର,(ଡି.ଏନ୍.ଏ.): ସାଲେପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ ନିବେଦନ କରି ଟଣାଓଟରା କରିବା ସହ ନିଜ ହାତ କାଟି ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା କବି ସୂର୍ଯ୍ୟନଗରର ଦୀପକ କୁମାର ପୋଲାଇ। ସାମାଜିକ ଗଣମାଧମ ଜରିଆରେ ସମ୍ପୃକ୍ତ ଯୁବତୀଙ୍କ ସହ ଦୀପକଙ୍କ ସମ୍ପର୍କ ଗଢ଼ି ଉଠିଥିଲା। ସେ ଶୁକ୍ରବାର ମଧ୍ୟାହ୍ନ ସମୟରେ ହଠାତ୍ ସମ୍ପୃକ୍ତା ଯୁବତୀଙ୍କ ଘରେ ପହଞ୍ଚି କେହି ନ ଥିବାର ସୁଯୋଗ ନେଇ ପ୍ରେମ ନିବେଦନ କରିଥିଲେ। ଏଥିରେ ଯୁବତୀଜଣକ ରାଜି ନ ହେବାରୁ ଦୀପକ ନିଜ ହାତ କାଟି ତାଙ୍କୁ ବିବାହ କରିବା ପାଇଁ ଟଣାଓଟରା କରିଥିଲେ। ଏନେଇ ସମ୍ପୃକ୍ତା ଯୁବତୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୨୦୯/୨୨)ରୁଜୁ କରି ତାଙ୍କୁ ଗିରଫ ପରେ ଶନିବାର କୋର୍ଟଚାଲାଣ କରିଛି।

### ସଂକ୍ଷେପରେ

## ଦୁର୍ଘଟଣାରେ ଜଣେ ମୃତ, ୯ ଗୁରୁତର

ମଙ୍ଗୁଳି,୨୭(ଡି.ଏନ୍.ଏ.): ୧୬ ନମ୍ବର ଜାତୀୟ ରାଜପଥର ମଙ୍ଗୁଳି ଛକ ନିକଟ ଏଚ୍‌ପି ପେଟ୍ରୋଲ ପମ୍ପ ସମ୍ମୁଖରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଗାଡି ଧକ୍କାରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୯ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରି ନ ଥିବାବେଳେ ଘର ଯାଜପୁର ଜିଲାରେ ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଏକ ବୋଲେରୋ (ନଂ. ଓଆର୍‌୦୫ଏଆର୍-୩୦୬୯)ରେ ଚାଳକଙ୍କୁ ମିଶାଇ ୧୦ ଜଣ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଯାଇଥିଲେ। ସେଠାରୁ ସେମାନେ ଉକ୍ତ ବୋଲେରୋରେ ଘରକୁ ଫେରୁଥିବାବେଳେ ରାତି ପ୍ରାୟ ୩ଟା ୧୫ ମିନିଟ୍‌ରେ କଟକ ପଟୁ ଚଣ୍ଡିଖୋଲ ଆଡକୁ ଦ୍ରୁତଗତିରେ ଆସୁଥିବା ଏକ ଗାଡି ପଛରୁ ଧକ୍କା ଦେଇଥିଲା। ଫଳରେ ବୋଲେରୋଟି ରାସ୍ତାପାର୍ଶ୍ୱରେ ଛିଡା ହୋଇଥିବା ଟ୍ରକ୍‌ରେ ପିଟି ହୋଇଯାଇଥିଲା। ଏଥିରେ ଜଣେ ଯାତ୍ରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟମାନେ ଗୁରୁତର ହୋଇଥିଲେ। ଏହାପରେ ଦୁର୍ଘଟଣା ଘଟାଇଥିବା ଗାଡି ଫେରାର ହୋଇଯାଇଛି। ଖବରପାଇ ଟାଙ୍ଗୀ ହାଇୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରି କଟକ ବଡ ଡାକ୍ତରଖାନା ପଠାଇଥିଲା। ସେଠାରେ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି। ସେହିପରି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଯାଇଥିଲା।

## ଆକାଶବାଣୀ ସହକାରୀ ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାମଲଙ୍କ ଅବସର

କଟକ ଅଫିସ,୨୭: ଆକାଶବାଣୀ, କଟକର ଲୋକପ୍ରିୟ କାର୍ଯ୍ୟକ୍ରମ 'ଆଜି ସଂଧ୍ୟାରେ', 'ପ୍ରଭାତ ପରିକ୍ରମା', ଦର୍ପଣ, ସାହିତ୍ୟ ସଂସଦ,ଚର୍ଚ୍ଚାରେ, ଆଜିର ପ୍ରଶ୍ନ, ଆଳାପ, 'ମାନନୀୟେଷୁ'ପ୍ରଭୃତିରେ ନିଜ ସ୍ୱତନ୍ତ୍ର ସୃଜନାତ୍ମକ ଉପସ୍ଥାପନା ଏବଂ ପ୍ରଯୋଜନା ପାଇଁ ଶ୍ରୋତା ମହଲରେ ବେଶ୍ ଆଦୃତି ଲାଭ କରିଥିବା ସହକାରୀ ନିର୍ଦ୍ଦେଶକ (କାର୍ଯ୍ୟକ୍ରମ) ମୃତ୍ୟୁଞ୍ଜୟ ସାମଲ ଗତ ୩୦ ତାରିଖରେ ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ତାଙ୍କୁ ଆକାଶବାଣୀ କଟକର ଅବସର ବିନୋଦନ କେନ୍ଦ୍ର ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଆୟୋଜିତ ସଭାରେ କାର୍ଯ୍ୟକ୍ରମ, ଯାନ୍ତ୍ରିକ, ପ୍ରଶାସନିକ ଏବଂ ଆକାଉଣ୍ଟସ ବିଭାଗର ସହକର୍ମୀମାନେ ସାମଲଙ୍କୁ ପୁଷ୍ପଗୁଚ୍ଛ ଓ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାମଲଙ୍କ ସମୟାନୁବର୍ତ୍ତିତା, ନିଷ୍ଠା, ନିରପେକ୍ଷତା, କାର୍ଯ୍ୟକ୍ରମ ପ୍ରଯୋଜନା ଏବଂ ପ୍ରସ୍ତୁତିରେ ଅଭିନବତା ତାଙ୍କୁ ଶ୍ରୋତା ପ୍ରିୟ କରିପାରିଛି ବୋଲି ଉପସ୍ଥିତ କାର୍ଯ୍ୟାଳୟ ମୁଖ୍ୟ ଓ ସହକର୍ମୀ ବକ୍ତବ୍ୟରେ କହିଥିଲେ। ଉଲ୍ଲେଖଯୋଗ୍ୟ, ୧୯୮୪ ଫେବୃୟାରୀରେ ଆକାଶବାଣୀରେ ଯୋଗ ଦେଇଥିବା ସାମଲ, ଆକାଶବାଣୀ, କଟକ, ରାଉରକେଲା, କେନ୍ଦୁଝର ଆଦି କେନ୍ଦ୍ରରେ ବହୁ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ଆକାଶବାଣୀ ଶ୍ରୋତା ପରିଷଦ, ଓଡ଼ିଶା, ଏକାକାର ଶ୍ରୋତା ସଂଘ, ବାହାରଣା, ଜଗତ୍‌ସିଂହପୁର, ପରିବାର ଶ୍ରୋତା ପରିଷଦ, ନିଶ୍ଚିନ୍ତକୋଇଲି, ଏବଂ ଅନେକ ଶୁଭେଚ୍ଛୁ ଆକାଶବାଣୀ କଟକ କେନ୍ଦ୍ରରେ ପହଞ୍ଚି ସାମଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# କଟକରେ ମାସ୍କ ବାଧ୍ୟତାମୂଳକ

କଟକ ଅଫିସ, ୨୭

### ଫେରିଲା କରୋନା କଟକଣା

- ୨ ମିଟର ସାମାଜିକ ଦୂରତା ରକ୍ଷା କରିବାକୁ ନିର୍ଦ୍ଦେଶ
- କଟକଣା ନ ମାନିଲେ କାର୍ଯ୍ୟାନୁଷ୍ଠାନ



କଟକକୁ ପୁଣି କରୋନା କଟକଣା ଫେରିଛି। ଘରୁ ବାହାରକୁ ବାହାରିଲେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଏଥିସହ ସର୍ବସାଧାରଣ ସ୍ଥାନରେ ୨ ମିଟର ସାମାଜିକ ଦୂରତା ରକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ସହରରେ ସଂକ୍ରମଣକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଏଭଳି କଡା ପଦକ୍ଷେପ ଗ୍ରହଣ କରାଯାଇଛି। ଭୁବନେଶ୍ୱର ଭଳି କଟକରେ ମଧ୍ୟ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ କଟକ ଏସ୍‌ସିବି ମେଡିକାଲ, ବାଦାମବାଡି ବସ୍‌ଷ୍ଟାଣ୍ଡ ଓ ବ୍ୟବସାୟିକ ପେଣ୍ଠସ୍ଥଳ ମାଲଗୋଦାମକୁ ଲୋକମାନେ ଆସୁଛନ୍ତି। ଏତଦ୍‌ବ୍ୟତୀତ ଦୋଳମୁଣ୍ଡାଇ, ଚୌଧୁରୀବଜାର, ଦରଘାବଜାର, ବକ୍ସିବଜାର ଅଞ୍ଚଳରେ ଅନେକ ଦୋକାନ ଥିବାରୁ ଲୋକଙ୍କ ଭିଡ ଜମୁଛି। ତେଣୁ ଆଗକୁ ଯେପରି ସଂକ୍ରମଣ ନ ବଢିବ ସେଥିପାଇଁ ସିଏମ୍‌ସି ପକ୍ଷରୁ ଆଗୁଆ ପଦକ୍ଷେପ ନିଆଯାଇଛି। ଏଥିସହ କଟକଣାକୁ କଡାକଡି ପାଳନ କରିବା ଲାଗି ସିଏମ୍‌ସି ଶନିବାର ବିଜ୍ଞପ୍ତି ଜାରି କରିଛି।

ରାଜ୍ୟରେ କରୋନା ସଂକ୍ରମଣ ଉପରମୁହାଁ ହେଉଥିବାବେଳେ ପ୍ରଥମରୁ ସଚେତନ ହେବା ସହ ସତର୍କ ରହିବା ପାଇଁ ସରକାରଙ୍କ ପକ୍ଷରୁ ଲୋକମାନଙ୍କୁ ଅବଗତ କରାଯାଉଛି। ଗତ ୩୦ ତାରିଖରେ ରାଜଧାନୀ ଭୁବନେଶ୍ୱରରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଥିବାବେଳେ ଶନିବାର କଟକରେ ମଧ୍ୟ ଏହି କଟକଣା ଜାରି କରାଯାଇଛି। ବିଶେଷକରି କଟକରେ ରହୁଥିବା ଲୋକ ଏବଂ ବାହାରୁ କଟକକୁ ଆସୁଥିବା ଲୋକଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ କରାଯାଇଛି। ଏହାବ୍ୟତୀତ ଦୋକାନ, ହାଟ, ମଲ୍, ବିଭିନ୍ନ ଷ୍ଟୋର ଓ ସର୍ବସାଧାରଣ ସ୍ଥାନରେ ଲୋକମାନେ ପରସ୍ପର ମଧ୍ୟରେ ୨ ମିଟର ସାମାଜିକ ଦୂରତା ରକ୍ଷା କରିବେ। ସରକାରୀ ଓ ବେସରକାରୀ ପ୍ରତିଷ୍ଠାନଗୁଡିକରେ କର୍ମଚାରୀମାନେ ଯେପରି କରୋନା ଗାଇଡ୍‌ଲାଇନ୍ ପାଳନ କରିବେ ସେଥିପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷ ଦୃଷ୍ଟି ଦେବେ। କାଶ କିମ୍ବା ଛିଙ୍କ ହେଉଥିଲେ ସତର୍କତା ଅବଲମ୍ବନ କରିବା ଓ ସର୍ବସାଧାରଣ ସ୍ଥାନରେ ଛେପ, ଖଙ୍କାର ପକାଇବାକୁ ବାରଣ କରାଯାଇଛି। କଟକଣା ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଏମ୍‌ସି ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ଭୟଙ୍କର ସ୍ଥିତି ଉପୁଜିବା ପୂର୍ବରୁ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ଦୁଇବର୍ଷ ତଳେ ଯେଉଁଭଳି ପରିସ୍ଥିତି ଉପୁଜିଥିଲା ତାହାକୁ ଏଡାଇବା ପାଇଁ ସିଏମ୍‌ସି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଲୋକମାନେ ସାମାଜିକ ଦୂରତା ରକ୍ଷା କରିବା ଓ ମାସ୍କ ପିନ୍ଧିବା ଜରୁରୀ। କାରଣ ଯେତେ ସଜାଗ ସହ ସଚେତନ ରହିବା ସେତେ ପରିମାଣରେ ବିପଦରୁ ରକ୍ଷା ପାଇପାରିବା। ଏଥିସହ ସମସ୍ତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରସ୍ତୁତ ରଖାଯାଇଛି। ଆବଶ୍ୟକ ଅନୁଯାୟୀ ପଦକ୍ଷପ ନିଆଯିବ ବୋଲି ମେୟର କହିଛନ୍ତି ।




କଟକର ସିଲ୍‌ଭର ସିଟି ବୋଟ୍ କ୍ଲବ୍‌ରେ ରବିବାର ଉଦ୍‌ଘାଟନ ହେବାକୁ ଥିବା ଫ୍ଲୋଟିଂ ରେଷ୍ଟୁରାଣ୍ଟ।

## ଆଜି ଉଦ୍‌ଘାଟନ ହେବ ୩୦ ସିଟ୍ ବିଶିଷ୍ଟ ଫ୍ଲୋଟିଂ ରେଷ୍ଟୁରାଣ୍ଟ

କଟକ ଅଫିସ, ୨୭

କଟକର ସିଲ୍‌ଭର ସିଟି ବୋଟ୍ କ୍ଲବ୍‌ରେ ରବିବାର ୩୦ ସିଟ୍ ବିଶିଷ୍ଟ ଫ୍ଲୋଟିଂ ରେଷ୍ଟୁରାଣ୍ଟ ଉଦ୍‌ଘାଟନ ହେବ। ଏଠାରେ ୬ଟି ଟେବୁଲ ବ୍ୟବସ୍ଥା କରାଯାଇଛି। ପ୍ରତି ଟେବୁଲର ଘଣ୍ଟା ପ୍ରତି ମୂଲ୍ୟ ୧୨୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ଏଠାରେ ସମ୍ପୂର୍ଣ୍ଣ ରେଷ୍ଟୁରାଣ୍ଟ ବୁକିଂ କରିବାର ବ୍ୟବସ୍ଥା ମଧ୍ୟ ରହିଛି। ୨ ଘଣ୍ଟା ପାଇଁ ସମ୍ପୂର୍ଣ୍ଣ ରେଷ୍ଟୁରାଣ୍ଟ ମୂଲ୍ୟ ୧୦ ହଜାର ଟଙ୍କା ରହିଛି। ଏଥିସହ ପୂର୍ବାହ୍ନ ୧୦.୩୦ରୁ ଅପରାହ୍ନ ୩.୩୦ ଏବଂ ଅପରାହ୍ନ ୪.୩୦ରୁ ରାତି ୯.୩୦ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ସମ୍ପୂର୍ଣ୍ଣ ରେଷ୍ଟୁରାଣ୍ଟ ବୁକିଂ ହୋଇପାରିବ । ଏଥିପାଇଁ ୨୦ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି । ଏହାବାଦ୍ ପୂର୍ବାହ୍ନ ୧୦.୩୦ରୁ ରାତି ୯.୩୦ ପର୍ଯ୍ୟନ୍ତ ଗୋଟିଏ ଦିନ ବୁକିଂ ପାଇଁ ୩୭ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି । ତେବେ ପୂର୍ବରୁ ୮ ସିଟ୍ ବିଶିଷ୍ଟ ଫ୍ଲୋଟିଂ ରେଷ୍ଟୁରାଣ୍ଟ ବ୍ୟବସ୍ଥା ଥିବାବେଳେ ଏବେ ତାହା ୩୦ ସିଟ୍‌କୁ ବୃଦ୍ଧି ପାଇଛି। ଏହାଦ୍ୱାରା ଅନେକ ଲୋକ ମହାନଦୀର ଜଳରାଶି ଉପରେ ସୁନ୍ଦର ଦୃଶ୍ୟକୁ ଉପଭୋଗ କରିବା ସହ ସୁସ୍ୱାଦୁ ଭୋଜନର ମଜା ନେଇପାରିବେ। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ଓ ୱାଟର ସ୍ପୋର୍ଟ୍ସ ସିମ୍ପଲ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ଉଦ୍ୟମରେ ଏହି ବ୍ୟବସ୍ଥା କରାଯାଇଛି। ଏ ନେଇ ଓଟିଡିସି ମ୍ୟାନେଜର ତାରିକ ଅଲ୍ଲି କହିଛନ୍ତି, ଯେଉଁମାନେ ଟେବୁଲ କିମ୍ବା ରେଷ୍ଟୁରାଣ୍ଟ ବୁକ୍ କରିବାକୁ ଚାହିଁବେ, ସେମାନେ ପାନ୍ଥନିବାସ ଅଥବା ବୋଟ୍ କ୍ଲବ୍‌ରେ ସିଧାସଳଖ ବୁକିଂ କରିପାରିବେ।

## 'ସ୍ୱାବଲମ୍ବୀ ପାଇଁ କଏଦୀଙ୍କୁ ତାଲିମ ଦିଆଯିବ'

ଚୌଦ୍ୱାର,୨୭(ଡି.ଏନ୍.ଏ.)

### ଚୌଦ୍ୱାର ଜେଲ ପରିଦର୍ଶନ କଲେ ସୁବ୍ରତ ବାଗ୍‌ଚୀ

ଜେଲରେ ରହୁଥିବା କଏଦୀମାନଙ୍କ ଦକ୍ଷତା ବିକାଶ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧକ୍ଷ ସୁବ୍ରତ ବାଗ୍‌ଚୀ, ଜେଲ୍ ବିଭାଗ ଡିଜି ମନୋଜ ଛାବ୍ରା, ଡିଆଇଜି ଶୁଭକାନ୍ତ ମିଶ୍ର ପ୍ରମୁଖ ଚୌଦ୍ୱାର ଜେଲ ପରିଦର୍ଶନ କରି କଏଦୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏ ସମ୍ପର୍କରେ ବାଗ୍‌ଚୀ କହିଛନ୍ତି, କଏଦୀମାନଙ୍କୁ ବିଭିନ୍ନ ପ୍ରକାରର ତାଲିମ ପ୍ରଦାନ କରାଯାଇ ସ୍ୱାବଲମ୍ବୀ ଦିଗରେ ପଦକ୍ଷେପ ନିଆଯିବ। ସେହିପରି ଛାବ୍ରା କହିଥିଲେ, ଚୌଦ୍ୱାର ଜେଲ୍‌ରେ ବିଭିନ୍ନ ଦକ୍ଷତା ବିକାଶ ବୈଷୟିକ ତାଲିମ ଶାଖା ଖୋଲାଯାଇ କଏଦୀମାନଙ୍କୁ ତାଲିମ ଦିଆଯିବ। ଏହି ପରିଦର୍ଶନବେଳେ ଚୌଦ୍ୱାର ଜେଲ୍ ଆରକ୍ଷୀ ଅଧୀକ୍ଷକ ପ୍ରଦୀପ୍ତ ବେହେରା, ଜେଲର ବିଭୁଦେନ୍ଦୁ ଭୂୟାଁ ଓ ତହସିଲଦାର ଅଜୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## 'ରେଭେନ୍‌ଶା କଲିଜିଏଟ୍ ସ୍କୁଲ ମହାପୁରୁଷଙ୍କ ଅନ୍ତୁଡ଼ିଶାଳ'



ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଅରିଜିତ ପଶାୟତ ସ୍ମାର୍ଟ କ୍ଲାସ୍‌ରୁମ୍ ଉଦ୍‌ଘାଟନ କରୁଛନ୍ତି।

କଟକ ଅଫିସ, ୨୭

### ରେଭେନ୍‌ଶା କଲିଜିଏଟ୍ ସ୍କୁଲର ସ୍ମାର୍ଟ କ୍ଲାସ୍‌ରୁମ୍ ଉଦ୍‌ଘାଟିତ

ରେଭେନ୍‌ଶା କଲିଜିଏଟ ସ୍କୁଲ ନବମ ଶ୍ରେଣୀର ତିନୋଟି ସ୍ମାର୍ଟ କ୍ଲାସ୍‌ରୁମ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଅରିଜିତ ପଶାୟତ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଗୁରୁ ହିଁ ସର୍ବଶ୍ରେଷ୍ଠ। ଏଣୁ ଗୁରୁଙ୍କୁ ସମ୍ମାନ ଜଣାଇବାକୁ ସେ ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ। ସେହିପରି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ରେଭେନ୍‌ଶା କଲିଜିଏଟ୍ ସ୍କୁଲ ମହାପୁରୁଷଙ୍କ ଅନ୍ତୁଡ଼ିଶାଳ। ପ୍ରଧାନ ଶିକ୍ଷକ ଡ. ଅନୁସ୍ମିତା ସ୍ୱାଇଁ ଯୋଗଦେଇ ମୋ ସ୍କୁଲ ଯୋଜନାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନନ୍ଦନ ମହାନ୍ତି, ବିଶ୍ୱନାଥ ମିଶ୍ର, ସୁପ୍ରଭା ସେନାପତି, ସଂଘମିତ୍ରା ପଟ୍ଟନାୟକ, ଦିଲୀପ କୁମାର ଜେନା, ଜ୍ଞାନ ରଞ୍ଜନ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରଦୀପ କୁମାର ନାଏକ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ଜଷ୍ଟିସ ପଶାୟତ ତାଙ୍କ ବାପା ରେଭେନ୍‌ଶା କଲିଜିଏଟ୍ ସ୍କୁଲର ପୁରାତନ ଛାତ୍ର ବିଶ୍ୱନାଥ ପଶାୟତଙ୍କ ସ୍ମୃତିରେ ମୋ ସ୍କୁଲ ଯୋଜନାରେ ୩ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ପକ୍ଷରୁ ୬ ଲକ୍ଷ ଟଙ୍କା ଦିଆଯାଇଥିଲା। ମୋଟ୍ ୯ ଲକ୍ଷ ଟଙ୍କାରେ ନବମ ଶ୍ରେଣୀର ତିନୋଟି ସ୍ମାର୍ଟ କ୍ଲାସ୍‌ରୁମ୍ କରାଯାଇଛି।

## ବ୍ୟବସାୟୀଙ୍କୁ ଛୁରାମାଡ଼, ଅଭିଯୁକ୍ତ ଗିରଫ

କଟକ ଅଫିସ,୨୭

ଦରଘାବଜାର ଥାନା ଅନ୍ତର୍ଗତ ବାଉଁଶଗଳି ଅଞ୍ଚଳରେ ଶନିବାର ସେକ୍ ହାସିମ୍ ବକ୍ସ ନାମକ ବ୍ୟବସାୟୀଙ୍କୁ ଛୁରାମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଆକ୍ରମଣକାରୀ ସେକ୍ ସେନ୍(୩୦)ଙ୍କୁ ପୋଲିସ ଗିରଫ କରିଛି। ଏଥିସହ ତାଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଛୁରି ଜବତ କରିଛି। ଅଭିଯୋଗ ଅନୁଯାୟୀ, ବାଉଁଶଗଳି ଛକରେ ହାସିମ୍ ସାଇକେଲ ମରାମତି ଦୋକାନ କରିଛନ୍ତି। ଶନିବାର ସକାଳେ ସେ ଦୋକାନ ଖୋଲିବା ସମୟରେ ସେନ୍ ପହଞ୍ଚି ମଦ ପିଇବା ପାଇଁ ତାଙ୍କୁ କିଛି ଟଙ୍କା ମାଗିଥିଲେ। ହାସିମ୍ ମନା କରିବା ସତ୍ତ୍ୱେ ସେ ତାଙ୍କ ଦୋକାନ ଭିତରେ ପଶି ଟଙ୍କା ଖୋଜାଖୋଜି କରିଥିଲେ। ଏହାକୁ ହାସିମ୍ ବିରୋଧ କରିବାରୁ ସେ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ହାସିମ୍ ତଳେ ପଡିଯିବା ପରେ ସେନ୍ ପଳାଇ ଯାଇଥିଲେ। ପୋଲିସ ପହଞ୍ଚି ହାସିମ୍‌ଙ୍କୁ ଏସ୍‌ସିବି ମେଡିକାଲ ନେଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୭୨/୨୨) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ୧୦ କେଜି ପଲିଥିନ ଜବତ, ୩ ହଜାର ଜରିମାନା

କଟକ ଅଫିସ,୨୭

ସହରରେ ପଲିଥିନ୍ ବ୍ୟବହାର ଉପରେ ଶୁକ୍ରବାରଠାରୁ କଟକଣା ଜାରି କରାଯାଇଛି। ତଥାପି ବ୍ୟବସାୟୀ ଏହାକୁ ମାନୁନାହାନ୍ତି। ଫଳରେ ଶନିବାର କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବାଦାମବାଡି ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଫଳ ଦୋକାନରେ ଚଢ଼ାଉ କରାଯାଇ ପ୍ରାୟ ୧୦ କେଜି ପଲିଥିନ ଜବତ କରାଯାଇଛି। ଏଥିସହ ବ୍ୟବସାୟୀମାନଙ୍କ ଠାରୁ ପ୍ରାୟ ୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତିଙ୍କ ନେତୃତ୍ୱରେ ଏନ୍‌ଫୋର୍ସମେଣ୍ଟସ୍କ୍ୱାର୍ଡଏହିଚଢଉକରିଥିଲା।

## ଗୁଣ୍ଡିଚା ମନ୍ଦିରରେ ତିନି ଠାକୁର



ତିଗିରିଆରେ ଅନୁଷ୍ଠିତ ପ୍ରସନ୍ନମଣିଙ୍କ ରଥଯାତ୍ରା।

ତିଗିରିଆ/ସାଲେପୁର,୨୭ (ଡି.ଏନ୍.ଏ.)

ତିଗିରିଆ ଗଡ଼ଜାତର ଆରାଧ ଦେବତା ପ୍ରଭୁ ପ୍ରସନ୍ନମଣିଙ୍କ ପୀଠ ଓ ସାଲେପୁର ବଳଦେବଜୀଉଙ୍କ ଚତୁର୍ଦ୍ଧା ବିଗ୍ରହଙ୍କ ରଥଯାତ୍ରା ପୀଠ ପରମ୍ପରା ଅନୁଯାୟୀ ଶ୍ରୀକ୍ଷେତ୍ର ପୁରୀ ଗୁଣ୍ଡିଚାଯାତ୍ରାର ଗୋଟିଏ ଦିନ ପରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରସନ୍ନମଣିଙ୍କ ପୀଠର ଚତୁର୍ଦ୍ଧା ବିଗ୍ରହ ଶୁକ୍ରବାର ପହଣ୍ଡିରେ ଆସି ରଥାରୂଢ଼ ହୋଇଥିଲେ। ଶନିବାର ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲା। ରାଜବାଟୀଠାରୁ ୩ ରଥ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଆସିବା ବାଟରେ କିଶୋରୀ ମୋହନଙ୍କ ପୀଠ ନିକଟରେ କିଛି ସମୟ ପାଇଁ ଅଟକିଥିଲା। ସେଠାରେ ବଳଗଣ୍ଡ ପୂଜା ହୋଇଥିଲା। ଏହାପରେ ପୁନର୍ବାର ଭକ୍ତମାନେ ରଥଟାଣି ନେଇ ମାଉସୀ ମା' ମନ୍ଦିରର ନିକଟରେ ପହଞ୍ଚିଥିଲେ। ସେହିପରି ସାଲେପୁର ବ୍ଲକର କଟରପା ବଳଦେବଜୀଉଙ୍କ ରଥଯାତ୍ରା ନିମନ୍ତେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଶୁକ୍ରବାର ପହଣ୍ଡିରେ ଅଣାଯାଇ ରଥରେ ବିଜେ କରାଯାଇଥିଲା। ଶନିବାର ମଠ ମହନ୍ତ ନୟନ ଭିରାମ ବିଭୂତିଭୂଷଣ ଭାନୁପ୍ରକାଶ ଦାଶ ୩ ରଥରେ ଛେରାପହଁରା କରିବାପରେ ରଥ ଟଣାଯାଇଥିଲା।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ସାଲେପୁର,୨୭(ଡି.ଏନ୍.ଏ.)

ସାଲେପୁର ବ୍ଲକ ଛାଣିପୁର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ଜେନା(୮୮)ଙ୍କ ଶନିବାର ବାସଭବନରେ ପରଲୋକ ଘଟିଛି। ଚାକିରିରୁ ଅବସର ପରେ ସେ ସାଲେପୁରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ କେନ୍ଦ୍ରର ସଭାପତି ଭାବେ କାର୍ଯ୍ୟ କରିଥିଲେ। ଏଥିସହ ଅନୁକୂଳ ଚନ୍ଦ୍ରଙ୍କ ଋତ୍ୱିକ ରୂପେ କାର୍ଯ୍ୟ କରୁଥିଲେ। ତାଙ୍କ ଉଦ୍ୟମରେ ସାଲେପୁରଠାରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା।

## ମହାନଦୀ କୂଳରୁ ମୃତଦେହ ଜବତ

କଟକ ଅଫିସ, ୨୭

କଟକ ତୁଳସୀପୁରସ୍ଥିତ ଶନିମନ୍ଦିର ନିକଟ ମହାନଦୀରୁ କୂଳରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ବିଡାନାସୀ ପୋଲିସ ଶନିବାର ଜବତ କରିଛି। ସେ ହେଲେ ଚୌଦ୍ୱାର ଚଷାପଡା ଅଞ୍ଚଳର ଗୋପୀ ନାୟକ(୪୪)। ମହାନଦୀ କୂଳରେ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୭/୨୨) ରୁଜୁ ହୋଇଛି। ଗୋପୀ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ତାଙ୍କ ଗୋଡ ଖସିଯିବାରୁ ପାଣିରେ ବୁଡ଼ି ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

## ୯୮୦ ଲିଟର ଦେଶୀ ମଦ ଜବତ

ତିଗିରିଆ,୨୭(ଡି.ଏନ୍.ଏ.)

କଟକ ଓ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ତିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ଅଞ୍ଚଳରେ ଶନିବାର ଚଢାଉ କରାଯାଇ ୯ ହଜାର ୯୦୫ ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ୯୮୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଚଢାଉରେ ଭିରୁଡ଼ା ଗ୍ରାମ ନିକଟ ବୁଢୀଦେଇ ମୁଣ୍ଡିଆଠାରୁ ୨୫୨୦ ଲିଟର ପୋଚ ଓ ୨୮୦ ଲିଟର ଦେଶୀ ମଦ, ପଣସପାଟଣା ନିକଟ ରେଙ୍ଗାଲି କେନାଲ ପାର୍ଶ୍ୱରୁ ୨୪୫୦ ଲିଟର ପୋଚ ଓ ୨୬୦ ଲିଟର ମଦ, ଚଉରୀ ମୁଣ୍ଡିଆ ଦକ୍ଷିଣ ପାର୍ଶ୍ୱରୁ ୨୫୫୫ ଲିଟର ପୋଚ ଓ ୨୪୦ଲିଟର ମଦ ଏବଂ ଗରାପଡ଼ା ଶବରସାହି ପୋଖରୀ ହୁଡ଼ାରୁ ୨୩୮୦ ଲିଟର ପୋଚ ଓ ୨୦୦ ଲିଟର ମଦ ଜବତ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏନେଇ ବିଭାଗ ପକ୍ଷରୁ ଭିରୁଡା ଅଞ୍ଚଳର ବିଭିନ୍ନ ବଣବୁଦାରେ ଚଢ଼ାଉ କରାଯାଇଥିଲା। ବଣବୁଦାରେ ଶତାଧିକ ପ୍ଲାଷ୍ଟିକ ଜାର୍କିନରେ ପୋଚ ଓ ସଦ୍ୟ ପ୍ରସ୍ତୁତ ଦେଶୀ ମଦ ଭର୍ତ୍ତି କରି ଲୁଚାଇ ରଖାଯାଇଥିବା ଜଣାପଡ଼ିଥିଲା। ଚଢାଉରେ ଆଠଗଡ଼ ଅବକାରୀ ନିରୀକ୍ଷକ କେଶବ ଚନ୍ଦ୍ର ଦାସ, ସଞ୍ଜିତ ବାର୍ଲା, ବିଜୟ ଭଞ୍ଜ, ଦୁର୍ଯ୍ୟୋଧନ ଦିଗଲ ଏବଂ ନରସିଂହପୁର ଅବକାରୀ ଭାରପ୍ରାପ୍ତ ଅଧିକାରୀ ଦେବାନନ୍ଦ ଭୂୟାଁ ପ୍ରମୁଖ ସାମିଲ ହୋଇଥିଲେ।

# ୬ ମାସ ନ ପୂରୁଣୁ ଛାତରୁ ଗଳୁଛି ପାଣି

ନରସିଂହପୁର, ୨୭( ସ୍ୱ.ପ୍ର.)

ରାଜ୍ୟ ସରକାର ବିଦ୍ୟାଳୟ ରୂପାନ୍ତରଣ ଯୋଜନାରେ କଟକ ଜିଲା ନରସିଂହପୁର ଅଞ୍ଚଳର ପୁରାତନ ଅନନ୍ତ ନାରାୟଣ ହାଇସ୍କୁଲ ସାମିଲ ହୋଇଛି। ୨୦୨୧ ନଭେମ୍ବରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ଼ରେ ଏହାକୁ ଉଦ୍‌ଘାଟନ କରିଥିଲେ। କିନ୍ତୁ ୬ ମାସ ନ ପୂରୁଣୁ ବିଦ୍ୟାଳୟ ଛାତରୁ ବର୍ଷା ପାଣି ଗଳିବା ଆରମ୍ଭ ହୋଇଯାଇଛି। ଶ୍ରେଣୀ ଗୃହରେ ବର୍ଷା ପାଣି ଜମା ହେବାରୁ ଛାତ୍ରୀଛାତ୍ର ବିଦ୍ୟାଳୟ ବାରଣ୍ଡାରେ ବସି ପାଠ ପଢିବାକୁ ବାଧ ହୋଇଛନ୍ତି। ଫଳରେ ଏହି ସ୍ମାର୍ଟସ୍କୁଲ ଯୋଜନା କିପରି କାର୍ଯ୍ୟକାରୀ ହେଉଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୫-ଟି ଅଧୀନରେ ୨୦୨୧ରେ ପ୍ରଥମେ ଓଡ଼ିଶାର ୧୦୩୦ଟି ସ୍କୁଲକୁ ରୂପାନ୍ତରିତ କରାଯାଇଥିଲା। ଏଥିରେ ଅନନ୍ତ ନାରାୟଣ ହାଇସ୍କୁଲ ରହିଥିଲା। ବିଦ୍ୟାଳୟର ଶ୍ରେଣୀଗୃହଗୁଡ଼ିକୁ ନବୀକରଣ ପାଇଁ ୪୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଉକ୍ତ ଟଙ୍କାରେ ହାଇସ୍କୁଲରେ କମ୍ପ୍ୟୁଟର କୋଠରି ସମେତ ସ୍ମାର୍ଟ କ୍ଲାସ ଘର ନିର୍ମାଣ କରିବାକୁ ସ୍ଥିର କରାଯାଇଥିଲା। ବ୍ଲକ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମାଣ କାର୍ଯ୍ୟ ହୋଇଥିଲା। କିନ୍ତୁ ହାଇସ୍କୁଲର ପୁରୁଣା କାନ୍ଥରେ ନୂଆ ରଙ୍ଗ ବୋଳି ଚିତ୍ର ବିଚିତ୍ର କରାଯାଇଥିଲେ ହେଁ ଦୁର୍ବଳ ଥିବା ଛାତକୁ ମରାମତି କରାଯାଇ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାର ମାସେ ନ ପୂରୁଣୁ ଏହି ବିଦ୍ୟାଳୟର ପାଚେରି ଭୁଶୁଡ଼ି ପଡ଼ିଥିଲା। ସ୍ମାର୍ଟ କ୍ଲାସ୍‌ରୁମର ଛାତ ନିମ୍ନମାନର କରାଯାଇଥିବାରୁ ତା'ର ସିଲିଂଗୁଡିକ ଭାଙ୍ଗିରୁଜି ଯାଇଛି। ଏଥିସହ କବାଟଗୁଡିକ ଭାଙ୍ଗି ଗଲାଣି। ଏବେ ସ୍ମାର୍ଟ କ୍ଲାସରେ ଲାଗିଥିବା ଏଲ୍‌ସିଡିକୁ ଅନ ଏକ ଘର କୋଣରେ ରଖାଯାଇଛି। ଏଭଳି ଅବସ୍ଥାରେ ଛାତ୍ରୀଛାତ୍ରମାନେ ସ୍ମାର୍ଟ ସ୍କୁଲର ଲାଭ ଉଠାଇ ପାରୁନାହାନ୍ତି। 'ମୋ ସ୍କୁଲ' ଯୋଜନାରେ ହାଇସ୍କୁଲର ୧୯୮୪ ବ୍ୟାଚ୍‌ର ପୁରୁଣା ଛାତ୍ର ସଂଘ ପକ୍ଷରୁ ପ୍ରଥମ କିସ୍ତିରେ ୧୦ଲକ୍ଷ ଓ ପରେ ୧୩ ଲକ୍ଷ ଟଙ୍କା ହାଇସ୍କୁଲ ଆକାଉଣ୍ଟକୁ ଦାନ ଦିଆଯାଇଛି। ଏହାପରେ ସରକାର ପ୍ରଥମ କିସ୍ତିରେ ୩୦ ଲକ୍ଷ ଓ ପରେ ୧୯ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ଦେଇଛନ୍ତି।



ବର୍ଷାରେ ଛାତରୁ ପାଣିଗଳି ଆସବାବପତ୍ର ନଷ୍ଟ ହୋଇଯାଇଛି।

### ରୂପାନ୍ତରିତ ସ୍କୁଲର ଦୁରବସ୍ଥା

- ୪୫ ଲକ୍ଷ୍ୟରୁ ଉର୍ଦ୍ଧ୍ୱ ବ୍ୟୟ ହୋଇଛି
- ବାରଣ୍ଡାରେ ବସି ପାଠ ପଢ଼ିଲେ ଛାତ୍ରୀଛାତ୍ର

ଏହି ଅର୍ଥରେ ବିଦ୍ୟାଳୟର ମରାମତି କାମ ଚାଲୁରହିଛି। ତେବେ ଚଳିତ ବର୍ଷା ଋତୁ ଭିତରେ ଘର କାମ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏନେଇ ନିକଟରେ ଥିବା ଏସ୍‌ସିଏସ୍‌ଟି ଛାତ୍ରାବାସରେ ଶିକ୍ଷାଦାନ ପାଇଁ ବ୍ୟବସ୍ଥା ହୋଇଛି ବୋଲି ଦାୟିତ୍ୱରେ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ କୁମାର ପଣ୍ଡା ସୂଚନା ଦେଇଛନ୍ତି। ୩୨୩ ଛାତ୍ରୀଛାତ୍ରଙ୍କୁ ଅସ୍ଥାୟୀ ଭାବେ ଏହି ଛାତ୍ରାବାସରେ କେଉଁଭଳି ଭାବେ ଶିକ୍ଷାଦାନ ଦିଆଯିବ ସେନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି।

ଏ ସମ୍ପର୍କରେ ବିଡିଓ ପ୍ରଦୀପ କୁମାର ସାହୁଙ୍କୁ ପଚାରାଯିବାରୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି। ଏବେ ମରାମତି ଚାଲିଛି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ପ୍ରଶାସନ ସଜାଗ ରହିବା ଉଚିତ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଭୟ କୁମାର ସାହୁ ପ୍ରତିକ୍ରିୟାରେ କହିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।